ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.236 Bhubaneswar Tuesday November 08 2022 ୨୫ତମ ବର୍ଷ ସଂଖ୍ୟା–୨୩୬ ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୦୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




ସୁବଳ ମହାରଣା ଦ୍ୱାରା ଏସବିଆଇ ଭୁବନେଶ୍ୱର ମୁଖ୍ୟ ଶାଖାରେ ଖୁସି କାର୍ତ୍ତିକ ପୂର୍ଣ୍ଣିମା ବାଲି କଳା

## ପଦ୍ମପୁର ଉପନିର୍ବାଚନ: ବିଜେଡି ଅଡୁଆରେ, ଏଠି ବି ଧାମନଗର ସ୍ଥିତି

ଭୁବନେଶ୍ୱର,୭।୧୧(ପି.ଏନ): ପଦ୍ମପୁର ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବାକୁ ଆଉ ମାତ୍ର ୨ଦିନ ଥିଲାବେଳେ ଦଳୀୟ ଟିକେଟକୁ ନେଇ ଶାସକ ବିଜେଡିରେ ତୀବ୍ର ଗୋଷ୍ଠୀକନ୍ଦଳ ଓ ଛକାପଞ୍ଝା ଜୋର୍ ଧରିଲାଣି । ଧାମନଗର ନିର୍ବାଚନ ଫଳାଫଳକୁ ନେଇ ଉତ୍ସାହିତ ବିଜେପି ନିଜର ପ୍ରାର୍ଥୀ ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କୁ ମଇଦାନକୁ ଓହ୍ଲାଇବା ପ୍ରାୟତଃ ନିଶ୍ଚିତ ହୋଇଥିଲେ ବି ବିଜେଡିରେ ପ୍ରାର୍ଥୀତ୍ୱକୁ ନେଇ ଅଙ୍କ ଛିଣ୍ଡି ପାରୁନଥିବା ଜଣାପଡିଛି । ବିଶେଷକରି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଖାସ୍ ଅନୁଗତ ଭଟଲି ବିଧାୟକ ସୁଶାନ୍ତ ସିଂ ପଦ୍ମପୁରରେ ଦିବଂଗତ ବିଧାୟକ ବିଜୟ ରଞ୍ଜନ ବରିହାଙ୍କ ପତ୍ନୀଙ୍କୁ ଟିକେଟ୍ ଦେବାକୁ ଜିଦ୍ ଧରି ଚାପ ପକାଉଥିବାବେଳେ ଦଳ ପକ୍ଷରୁ ନିଯୁକ୍ତି ପାଇଥିବା ବରିଷ୍ଠ ନେତାମାନେ (ପର୍ଯ୍ୟବେକ୍ଷକ) ସ୍ଥାନୀୟ ସାମାଜିକ ଓ ରାଜନୀତିକ ସମୀରକରଣକୁ ଦୃଷ୍ଟିରେ ରଖି ଦିବଂଗତ ବିଧାୟକ ବରିହାଙ୍କ ପରିବାର ପରିବର୍ତ୍ତେ ? ବିଜୟ ସମ୍ଭାବନା ଥିବା ନୂଆ ପ୍ରାର୍ଥୀଙ୍କୁ ଟିକେଟ୍ ଦେବା ନିମନ୍ତେ ପ୍ରସ୍ତାବ ଦେଇଛନ୍ତି । ମାତ୍ର ଧାମନଗରର ବିଫଳତା ସତ୍ତ୍ୱେ ବିଜେଡି ସଂଗଠନରେ ନିଜର ପ୍ରଭାବ ଓ ପତିଆରାକୁ ପ୍ରମାଣିତ କରାଇବା ପାଇଁ ନିଜ ଅନୁଗତ ସୁଶାନ୍ତ ସିଂଙ୍କ ଜିଦକୁ ପୂରଣ କରିବାକୁ ପ୍ରଣବ ସମ୍ମତି ଦେଇଥିବାରୁ ପଦ୍ମପୁରରେ ବିଜେଡି ପାଇଁ ଅଡୁଆ ଦେଖାଦେଇଥିବା ଜଣାପଡିଛି ।ମିଳିଥିବା ସୂଚନା ଅନୁସାରେ, ଧାମନଗର ଉପନିର୍ବାଚନରେ ଶକ୍ତ ପରାଜୟ ପରେ ପଦ୍ମପୁର ଆସନକୁ ଯେନତେନ ପ୍ରକାରେ ନିଜ ପାଖରେ ରଖି ବିଜେଡି ନିଜର ସମ୍ମାନ ବଂଚାଇବାକୁ ଚାହୁଁଛି । କିନ୍ତୁ ପଦ୍ମପୁର ଆସନ ପାଇଁ ଦଳୀୟ ପ୍ରାର୍ଥୀ ଚୟନକୁ ନେଇ ବିଜେଡିରେ ଛକାପଞ୍ଝା ଜୋର୍ ଧରିଥିବା ଓ ବିଶେଷକରି ଦିବଂଗତ ବିଧାୟକ ବରିହାଙ୍କ ପତ୍ନୀ ଓ ପୁଅ ଗଣମାଧ୍ୟମରେ ଆଗକୁ ଆସି ଦଳୀୟ ଟିକେଟ୍ ପାଇଁ ଦାବି କରିବା ପରେ ଦଳରେ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି । ବିଜେଡି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ଭାବେ ପଦ୍ମପୁର ବ୍ଲକ- ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପାଇକମାଳ ବ୍ଲକ- ନବକିଶୋର ଦାସ ଓ ଝାରବନ୍ଧ ବ୍ଲକ- ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ସେମାନଙ୍କୁ ସହଯୋଗ କରିବାକୁ ବରିଷ୍ଠ ନେତା ପୁଷ୍ପ ?ନ୍ଦ୍ର ସିଂହଦେଓ, ଦିବ୍ୟଶଙ୍କର ମିଶ୍ର,ସରୋଜ ମେହେର, ଦେବେଶ ଆଚାର୍ଯ୍ୟ, ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ରହିଛନ୍ତି । ଏହି ପର୍ଯ୍ୟବେକ୍ଷକମାନେ ନିର୍ବାଚନମଣ୍ଡଳୀ ଗସ୍ତ କରି କର୍ମୀ ଓ ସାଧାରଣ ଲୋକଙ୍କ ମତାମତ ଆଧାରରେ ପଦ୍ମପୁରରେ ଦଳ ଜଣେ ନୂଆ ପ୍ରାର୍ଥୀ ଦେବା ଉଚିତ୍ ବୋଲି ବିଜେଡି ସୁପ୍ରିମୋ ଡାକିଥିବା ବୈଠକରେ ପ୍ରସ୍ତାବ ଦେଇସାରିଥିବା ଜଣାପଡିଛି ।

ISO 9001:2015 CERTIFIED
Visit us at www.hariplaast.com
Hari Plaast
STRONG & SAFE
PVC, CPVC, HDPE, PLB DUCT, MDPE(GAS) PIPES & FITTINGS
HARI UDYOG PVT LTD.
O.T. Road, Balasore-756001, Odisha
Phone: 06782-260963, 264555, +917894435283

## ୧୧୦୪ ଜଣ ଏଏସଓରେ କୃତକାର୍ଯ୍ୟ

ଭୁବନେଶ୍ୱର , ୭।୧୧(ପି.ଏନ): ପ୍ରକାଶ ପାଇଛି ଆସିଷ୍ଟାଂଟ ସେକ୍ସନ ଅଫିସର (ଏଏସ୍ଓ)ଲିଖିତ ପରୀକ୍ଷା ରେଜଲ୍ଟ । ମୋଟ ୧୧୦୪ ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିବା ଓପିଏସସି ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ କୃତକାର୍ଯ୍ୟ ପ୍ରାର୍ଥୀଙ୍କ ଡକ୍ୟୁମେଂଟ ଭେରିଫିକେସନ ହେବ । ଗତ ଅଗଷ୍ଟ ୨୭ରେ ଆସିଷ୍ଟାଂଟ ସେକ୍ସନ ଅଫିସର ପାଇଁ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା ।

## ଆସନ୍ତାକାଲି ଚତୁର୍ଦ୍ଧାମୂର୍ତ୍ତିଙ୍କ ରାଜରାଜେଶ୍ୱର ବେଶ

ପୁରୀ, ୭।୧୧(ପି.ଏନ): ଧର୍ମ ମାସ ପବିତ୍ର କାର୍ତ୍ତିକ ମାସ ପୂର୍ଣ୍ଣମୀ ତିଥିରେ ଆସନ୍ତାକାଲି ରତ୍ନ ସିଂହାସନ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ । ଆସନ୍ତାକାଲି ଚନ୍ଦ୍ରଗ୍ରହଣ ପଡୁଥିବାରୁ ଏନେଇ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ । ନୀତି ସଅଳ ହେବ । ଏଠାରେ ଉଲ୍ଲେଖଯୋଗ୍ୟ, ପଂଚକ ୫ ଦିନରେ ଶ୍ରୀଜୀଉଙ୍କ ୫ ପ୍ରକାରର ଦୁର୍ଲ୍ଲଭ ବେଶ ଅନୁଷ୍ଠିତ ହୋଇଥାଏ । ପଂଚକର ପ୍ରଥମ ଦିନ ଅର୍ଥାତ୍ ବଡ଼ ଏକାଦଶୀ ତିଥିରେ ଶ୍ରୀଜୀଉଙ୍କ ଲକ୍ଷ୍ମୀନାରାୟଣ ବେଶ, ଦ୍ୱିତୀୟ ଦିବସରେ ବାଙ୍କଚୂଡ଼ ବେଶ, ତୃତୀୟ ଦିବସରେ ତ୍ରିବିକ୍ରମ ବେଶ ଅନୁଷ୍ଠିତ ହୋଇଥିଲା । ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଲକ୍ଷ୍ମୀନୃସିଂହ ବେଶ ବା ଡାଳିକିଆ ବେଶ ଅନୁଷ୍ଠିତ ହୋଇଛି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୭ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

–ପ୍ରକାଶକ

## ଆଜିଠୁ ଭୁବନେଶ୍ୱର ବାଲିଯାତ୍ରା

ଭୁବନେଶ୍ୱର, ୭।୧୧(ପି.ଏନ): ଆସନ୍ତାକାଲି (ମଙ୍ଗଳବାର) ଠାରୁ ଭୁଆଖାଇ ପଠାରେ ଆରମ୍ଭ ହେବ ଭୁବନେଶ୍ୱର ବାଲିଯାତ୍ରା । ଏଥିପାଇଁ ଚୂଡାନ୍ତ ପର୍ଯ୍ୟାୟରେ ସମସ୍ତ ପ୍ରସ୍ତୁତି ସରିଛି । ଦୁଇ ବର୍ଷ ପରେ ବାଲିଯାତ୍ରା ହେଉଥିବାରୁ ଦୈନିକ ପ୍ରାୟ ୭୦ ରୁ ୮୦ ହଜାର ଲୋକ ସମାଗମ ହେବାର ଆଶଙ୍କା କରାଯାଉଛି । ଭୁବନେଶ୍ୱର ଡିସିପି ବାଲିଯାତ୍ରା ପଡିଆକୁ ଆସି ବାଲିଯାତ୍ରା କମିଟି ସହ ଆଲୋଚନା କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ପୋଲିସ ସହ ଅଗ୍ନିଶମ ବିଭାଗର ଗୋଟିଏ ଲେଖାଏଁ ପୋଷ୍ଟ ରହିବା ସହ ଏଠାରେ ଜରୁରୀକାଳୀନ ଅନାଉନ୍ସମେଂଟ କରାଯିବ ।ପ୍ରାୟ ୫୦୦ ଷ୍ଟଲ ବାଲିଯାତ୍ରାରେ ପଡିବ । ପଡିଆକୁ ପ୍ରବେଶ ପାଇଁ ୩ଟି ଗେଟର ବ୍ୟବସ୍ଥା କରାଯଇଛି । ଦୁଇଟି ଷ୍ଟେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ । ପିଇବା ପାଣିର ସଠିକ ବ୍ୟବସ୍ଥା କରିବାକୁ ବାଲିଯାତ୍ରା କମିଟିକୁ ପରାମର୍ଶ ଦେଇଛି ପୋଲିସ । ଟ୍ରାଫିକ ଓ ପାର୍କିଂକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ ବାଲିଯାତ୍ରା ବେଳେ ଭାରି ଯାନ ଚଳାଚଳ ବନ୍ଦ କରାଯିବ । କିଛି ସ୍ଥାନରେ ଡାଇଭର୍ଜନ କରାଯିବା ସହ ଗାଡି ରାସ୍ତାରେ ଫସିଲେ ତାକୁ ଉଠାଇବାକୁ ରାସ୍ତା କଡ଼ରେ କ୍ରେନ ରଖାଯିବ ।ବାଲିଯାତ୍ରା ସମୟରେ ୮ ରୁ ୧୦ ପ୍ଲାଟୁନ ପୋଲିସ ମୁତୟନ କରାଯିବା ସହ ଚୋରୀକୁ ନଜରରେ ରଖି ସ୍ୱତନ୍ତ୍ର ସ୍କ୍ୱାର୍ଡ ରହିବେ । ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଇବାକୁ ବାଲିଯାତ୍ରା କମିଟିକୁ ପରାମର୍ଶ ଦେଇଛି ପୋଲିସ । ବାଲିଯାତ୍ରା ବେଳେ ସାଧା ପୋଷାକରେ ବୁଲିବେ କମିଟିର କର୍ମକର୍ତ୍ତା ।ଖାଇବା ଷ୍ଟଲରେ ବାସୀ ଖାଦ୍ୟ ଥିଲେ, ତାହା ଜବତ କରାଯିବ କାର୍ଯ୍ୟାନୁଷ୍ଠାନ ହେବ । ପଲିଥିନ ବ୍ୟବହାର ନକରିବାକୁ ପ୍ରାଥମିକତା ଦିଆଯିବା ସହ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ମେଡିକାଲ କ୍ୟାମ୍ପ ଓ ଆମ୍ବୁଲାନ୍ସ ରହିବ ।

## ଦାରିଙ୍ଗବାଡି ବୁଢାଗୁଡାରେ ମାଓ ପୋଷ୍ଟର: ସରପଂଚଙ୍କୁ ହତ୍ୟା ଧମକ

କନ୍ଧମାଳ, ୭।୧୧(ପି.ଏନ): ଦୀର୍ଘ ଦିନ ପରେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ବୁଢାଗୁଡାର ବିଭିନ୍ନ ସ୍ଥାନରେ ଲାଗିଛି ମାଓ ପୋଷ୍ଟର । ଏଥିରେ ବୁଢ଼ାଗୁଡା ସରପଂଚ ତାତୁରା ପ୍ରଧାନଙ୍କୁ ଗୁଳି କରି ହତ୍ୟା କରାଯିବା ନେଇ ଉଲ୍ଲେଖ କରାଯାଇଛି । ଫଳରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି । ସେହିପରି ଡେ ଡିମାହା–ଡା ବରୀବାନ୍ଧା ରାସ୍ତା କାମ ଦୀର୍ଘ ଦିନ ହେଲା ଚାଲିଥିଲେ ବି ସରୁନଥିବାରୁ ଏହି ରାସ୍ତା କାମ ଶିଘ୍ର ସାରିବା ଲାଗି ଚେତାବନୀ ଦିଆଯାଇଛି ।

## ଚନ୍ଦ୍ରଗ୍ରହଣରେ ଦର୍ଶନ ଦେବେ ମହାପ୍ରଭୁ, ସୁନାବେଶକୁ ନେଇ ସବୁ ଚୁପ୍



ପୁରୀ,୭।୧୧(ପି.ଏନ): ଚନ୍ଦ୍ରଗ୍ରହଣରେ ଅର୍ଥାତ୍ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଶ୍ରୀଜିଉଙ୍କ ଦର୍ଶନ ଶ୍ରୀମନ୍ଦିରରେ ମିଳିବ । ତେବେ ଠାକୁରଙ୍କୁ ରାଜରାଜେଶ୍ୱର ବା ସୁନାବେଶ ଦର୍ଶନ କରିବାରେ ଶ୍ରଦ୍ଧାଳୁ ବଞ୍ଚିତ ହୋଇପାରନ୍ତି ।ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ନୀତି ନିର୍ଘଣ୍ଟ ଅନୁସାରେ ଗ୍ରହଣକୁ ନଜରରେ ରଖି ଆଜି ରାତି ୧୦ଟାରେ ଠାକୁରଙ୍କ ପହୁଡ଼ ନୀତି ହେବ । ଏହାପରେ ରାତି ୧୨ଟା ୧୦ରେ ଦ୍ୱାର ଫିଟା ଯାଇ ମଙ୍ଗଳ ଆଳତୀ, ଅବକାଶ, ମଇଲମ ଆଦି ନୀତି ହେବ । ରାତି ୨ଟା ୩୦ସୁଦ୍ଧା ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ ବା ରାଜରାଜେଶ୍ୱର ବେଶ ସଂପନ୍ନ ହେବ । ଭୋର ୫ଟା ୫୦ ସୁଦ୍ଧା ଭୋଗମଣ୍ଡପ ଉଠାଇବାକୁ ଛତିଶା ନିଯୋଗରେ ନିଷ୍ପତ୍ତି ହୋଇଛି । ସେହିପରି ଶ୍ରୀମନ୍ଦିର ପ୍ରଶାସନ ସୂଚନା ମୁତାବକ ଆଜି ରାତି ପହୁଡ ଠାରୁ ମଙ୍ଗଳବାର ସକାଳ ୬ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିବ । ତେବେ ସକାଳୁ ଦର୍ଶନ ଆରମ୍ଭ ହେବା ବେଳକୁ ଠାକୁର ସୁନାବେଶରେ ଥିବେ ନା ଏହା ଓଲାଗି ହୋଇଥିବେ ସେ ନେଇ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଉନି । ନୀତି ପ୍ରଶାସକଙ୍କ ଠାରୁ ଆରମ୍ଭ କରି ପୂଜାପଣ୍ଡାଙ୍କ ପର୍ଯ୍ୟନ୍ତ ଏ ବିଷୟରେ କେହି କିଛି ବି ସ୍ପଷ୍ଟ କହିବାକୁ ଅରାଜି । ଯାହାକୁ ନେଇ ସାଧାରଣ ଶ୍ରଦ୍ଧାଳୁଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି ।ଯେହେତୁ ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟ୍ସରେ ଉଲ୍ଲେଖ ରହିଛି ଗ୍ରହଣ ତିଥିରେ ପାକତ୍ୟାଗ ପୂର୍ବରୁ ମହାପ୍ରଭୁ ତଡ଼ପ ବେଶରେ ଅର୍ଥାତ୍ ଉତ୍ତରୀୟ ପରିଧାନ ବେଶରେ ରହିବେ । ତେଣୁ ଆସନ୍ତାକାଲି ଦ୍ୱାରଫିଟା ସହ ଅନ୍ୟ ନୀତିକାନ୍ତି ପରେ ଭକ୍ତ ଦର୍ଶନ ପାଇବା ବେଳକୁ ଠାକୁରମାନଙ୍କ ସୁନାବେଶ ଓଲାଗି ହୋଇ ସାରିଥିବ ବୋଲି ଅନୁମାନ କରାଯାଉଛି ।

## ବାଟବଣା 'ଅନ୍ୱେଷା ଯୋଜନା'! ପିଲାଙ୍କୁ ଦିଆଯାଉଛି ନିମ୍ନମାନର ଖାଦ୍ୟ



କେନ୍ଦୁଝର,୭।୧୧(ପି.ଏନ): ଖଣିଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ବାଟବଣା ହୋଇଛି 'ଅନ୍ୱେଷା ଯୋଜନା' । କୁନିକୁନି ପିଲାମାନଙ୍କୁ ଦିଆଯାଉଛି ନିମ୍ନ ମାନର ଓ ଅଳ୍ପ ପରିମାଣରେ ଖାଦ୍ୟ । ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଅଭିଯୋଗ ହେବା ପରେ ଆଦିବାସୀ ସଙ୍ଗଠନ ଓ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଆଜି ଜିଲ୍ଲା ସହକୁମାର ଛାତି ଉପରେ ଛିଡା ହୋଇଥିବା ଅନ୍ୱେଷା ହଷ୍ଟେଲ୍ ପରିଦର୍ଶନ କରିଥିଲେ । ପିଲାମାନଙ୍କୁ ଦିଆଯାଉଥିବା ଖାଦ୍ୟକୁ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ । ସିବିଏସ୍ଇ ଢାଞ୍ଚାରେ ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ 'ଅନ୍ୱେଷା ଯୋଜନା' ଆରମ୍ଭ କରାଯାଇଥିଲା । ଅନ୍ୟାନ୍ୟ ଜିଲ୍ଲାମାନଙ୍କ ଭଳି କେନ୍ଦୁଝର ଜିଲ୍ଲାରେ ମଧ୍ୟ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ୫ରୁ ୭ ବର୍ଷର ଛାତ୍ରଛାତ୍ରୀମାନେ ହଷ୍ଟେଲ୍ ?ରେ ରହି ଷ୍ଟାଣ୍ଡାର୍ଡ–୧ରୁ ବିଭିନ୍ନ ସ୍କୁଲରେ ପାଠ ପଢୁଛନ୍ତି । ପିଲାଙ୍କ ରହିବା, ଖାଇବା ଓ ଟ୍ୟୁସନ ଖର୍ଚ୍ଚ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବହନ କରୁଛନ୍ତି ।ହେଲେ ଦୁଃଖର ବିଷୟ ଅନ୍ୱେଷା ହଷ୍ଟେଲ୍ ?ରେ ପିଲାମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଛି । କୌଣସି ସୂତ୍ରରୁ ଖବର ପାଇ ଆଜି ଆଦିବାସୀ ସଙ୍ଗଠନ ଓ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଲକ୍ଷ୍ମୀ ନାଏକ ଧରଣୀଧର ଭୂୟାଁ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସରେ ରହିଥିବା ଅନ୍ୱେଷା ହଷ୍ଟେଲ୍ ପରିଦର୍ଶନ କରିଥିଲେ । ହଷ୍ଟେଲ୍ କର୍ମଚାରୀ ଓ ପିଲାଙ୍କ ସହିତ କଥା ହୋଇଥିଲେ । ଠିକ୍ ସେହି ସମୟରେ ସ୍କୁଲ ଯାଇଥିବା ପିଲାଙ୍କ ଟିଫିନ୍ ଖୋଲି ଦେଖିଲେ ଅଧକ୍ଷା ।

ପାରାଦୀପ ବନ୍ଦର କର୍ତ୍ତୃପକ୍ଷ
ପସନ୍ଦିତ ବନ୍ଦର
SAGARMALA
PORT-LED PROSPERITY
ଏକ ଆଇଏସ୍ଓ ୯୦୦୧-୨୦୧୫ ପ୍ରମାଣିତ ଓ ଆଇଏସ୍ପିଏସ୍ ମାନ୍ୟ ବନ୍ଦର

ବନ୍ଦର ଦିବସ-୨୦୨୨
ପାଳନ ଅବସରରେ ସମସ୍ତ ହିତାଧିକାରୀମାନଙ୍କୁ ଶୁଭ ଅଭିନନ୍ଦନ

- ଭାରତର ପୂର୍ବତଟରେ ସାମୁଦ୍ରିକ ପ୍ରବେଶପଥରେ ଏହାର ଅବସ୍ଥିତି ।
- ଇସ୍ପାତ, ଶକ୍ତି, ସାର ଏବଂ ସିମେଣ୍ଟ ପ୍ଲାଣ୍ଟ ଆଦି ରହିଥିବା ଖଣିଜ ଦ୍ରବ୍ୟ ସମୃଦ୍ଧ ଅଞ୍ଚଳ ସହିତ ଉଭୟ ରେଳ ଓ ସଡକ ଦ୍ୱାରା ସଂଯୋଗୀକୃତ ।
- ପଣ୍ୟ କାରବାର ନିମନ୍ତେ ଆଧୁନିକ ଯନ୍ତ୍ରପାତିର ସୁବ୍ୟବସ୍ଥା ।
- ଦକ୍ଷ ଓ ସୁଲଭ ସେବା ।
- ବନ୍ଦର ସହିତ ଯୋଗାଯୋଗ ପାଇଁ ଇଲେକ୍ଟ୍ରୋନିକ ଡାଟା ପରିଚାଳନା ଇଣ୍ଟରଚେଂଜ୍ ଏବଂ କଂପ୍ୟୁଟରୀକୃତ ବ୍ୟବସ୍ଥା ।
- ଏକକ ଦ୍ୱାର ବ୍ୟବସ୍ଥା ।
- ଆର୍ଥିକ ବର୍ଷ ୨୦୨୧-୨୨ରେ ୧୧୬.୧୩ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର ।
- ବୃହତ ବନ୍ଦରଗୁଡିକ ମଧ୍ୟରେ ପଣ୍ୟ କାରବାରରେ ନିଜର ଦ୍ୱିତୀୟ ସ୍ଥାନ ବଜାୟ ।
- ୨୦୨୫ ମସିହା ସୁଦ୍ଧା ପଣ୍ୟ କାରବାର କ୍ଷମତା ୩୦୦ ନିୟୁତ ମେଟ୍ରିକ ଟନ୍କୁ ଅତିକ୍ରମ କରିବ ।
- ବର୍ତ୍ତମାନ କେପ ସାଇଜ ଜାହାଜ ଆଭ୍ୟନ୍ତରୀଣ ପୋତାଶ୍ରୟ ମଧ୍ୟରେ ଏବଂ ୩,୫୦,୦୦୦ ଡି.ଡବ୍ଲ୍ୟୁ.ଟି. କ୍ଷମତା ବିଶିଷ୍ଟ ଜାହାଜ, ସିଙ୍ଗଲ ପଏଣ୍ଟ ମୁରିଂ (ଏସ୍.ପି.ଏମ୍.)ଠାରେ କରାଯାଉଛି ।
- ଶୁଷ୍କ ପୋତାଶ୍ରୟ ସୁବିଧା ଉପଲବ୍ଧ ।
- ପାରାଦୀପ ଇଣ୍ଟରନେସନାଲ କାର୍ଗୋ ଟର୍ମିନାଲରେ ନିୟମିତ କଂଟେନର ପଣ୍ୟ କାରବାର ।






paradipport.gov.in www.paradipport.gov.in paradipport








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣମାକୁ ପଣ୍ଡୁ ପୂର୍ଣ୍ଣମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଂଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।




# ଭାରତୀୟ ପରମ୍ପରାରେ ଧୋତି

ଦିନ ଥିଲା, ଭାରତୀୟ ଜନ-ଜୀବନରେ ଧୋତିର ଖୁବ୍ ଆଦର ଥିଲା - ଗୁରୁତ୍ୱ ଥିଲା । ଇଷ୍ଟ ଇଣ୍ଡିଆ କଂପାନୀ (ଇଂରେଜମାନେ) ବେପାର କରିବା ପାଇଁ ଭାରତ ଆସିବା ପୂର୍ବରୁ ଧୋତି ଭାରତୀୟମାନଙ୍କର ପରିଧାନ ଥିଲା। ପୋଷାକ ଯେ ଅନେକ ପବିତ୍ରତା ଓ ସ୍ୱଚ୍ଛତା ଆଣିଦିଏ ଏଥିରେ ସନ୍ଦେହ ନାହିଁ। ଏହା ମଧ୍ୟ ମନକୁ ଦୃଢ଼ କରେ ଆଉ ମନ ଭିତରେ ନିଜକୁ ନେଇ କିଛି କରିବାର ସଂକଳ୍ପ ସୃଷ୍ଟି କରେ। ଅନ୍ୟକୁ ଦେଖି ଶିଖିବା ମଣିଷର ଏକ ସହଜାତ ପ୍ରବୃତ୍ତି। କିନ୍ତୁ ଭଲଟାକୁ ଦେଖି ଶିଖିବାର ଇଚ୍ଛା ମନ ଭିତରେ ରହିବା ଆବଶ୍ୟକ। ସ୍କୁଲ କିମ୍ବା କଲେଜ ଛାତ୍ରଟିଏ ତା'ର ପୋଷାକ ପରିଧାନ କଲେ, ମନ ଭିତରେ ମୁଁ ଜଣେ ଛାତ୍ର ସେହି ଚିନ୍ତାଧାରା ରହିବା ସଙ୍ଗେ ସଙ୍ଗେ ନିଜେ କର୍ତ୍ତବ୍ୟପରାୟଣ ହୁଏ। ଜଣେ ସେନା ଅଧିକାରୀ କିମ୍ବା ପୋଲିସ୍ ଅଧିକାରୀ ନିଜ ନିଜର ପୋଷାକ ପିନ୍ଧିଲେ ମନ ଭିତରେ ସେହି ପ୍ରକାରର ଦୃଢ଼ତା ଆସେ, ଯାହା ସେମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପ୍ରତି ମମତ୍ୱବୋଧ ସୃଷ୍ଟି କରାଏ। ଆଗରୁ ଆପଣ ଦେଖିଥିବେ ନେତାମାନଙ୍କର ପୋଷାକ ଥିଲା ଧୋତି ଆଉ ପଞ୍ଜାବୀ। ଏହି ପୋଷାକ ଭିତରେ ସେମାନେ ଥିଲେ ଭଦ୍ର। ସେମାନଙ୍କର ଆଚରଣ ଆଉ ଉଚ୍ଚାରଣ ମଧ୍ୟ ଥିଲା ସେହି ପ୍ରକାରର। ସେବା କରିବାର ମନୋବୃତ୍ତି ନେଇ ସେମାନେ ରାଜନୀତି କରୁଥିଲେ। ଯେଉଁଦିନ ନେତାମାନଙ୍କର ପୋଷାକ ଧୋତି-ପଞ୍ଜାବୀ ପରିବର୍ତ୍ତେ ପେ□-ସାର୍ଟ ହୋଇଗଲା, ସେମାନଙ୍କର ଚରିତ୍ର ମଧ୍ୟ ବଦଳିଗଲା। ସେମାନେ ମାନବସେବାକୁ ଆତ୍ମସେବା ମନେକଲେ। ଏହି ପୋଷାକ ସେମାନଙ୍କର ସ୍ୱଭାବ-ଚରିତ୍ର ଆଉ କାର୍ଯ୍ୟଧାରାକୁ ମଧ୍ୟ ବଦଳାଇ ଦେଲା। ସେମାନେ ସମାଜର ସବୁଠାରୁ ଘୃଣ୍ୟବ୍ୟକ୍ତି ହୋଇଗଲେ। ଅବଶ୍ୟ ଦେଖାଇହେବା ପାଇଁ ସେମାନେ ଅନେକ ସମୟରେ ଧୋତି ପିନ୍ଧନ୍ତି। ଏହାଦ୍ୱାରା ଲୋକେ ତାଙ୍କୁ ନୀଳବର୍ଣ୍ଣ ଶୃଗାଳ ବ୍ୟତିତ ଅନ୍ୟ କିଛି ଭାବନ୍ତି ନାହିଁ । ଏ କଥା ସେମାନେ ବୁଝି ମଧ୍ୟ ବୁଝିପାରନ୍ତି ନାହିଁ। ଏହି ପେ□ ସେମାନଙ୍କୁ ସେବାଠାରୁ ଦୂରେଇ ଦେଲା। ଏହି ପେ□ ପିନ୍ଧା ନେତାମାନେ ଯଦି ନିଜକୁ ଆଗରୁ ସେହି ଧୋତି ପିନ୍ଧା ନେତାମାନଙ୍କ ସହିତ ତୁଳନା କରନ୍ତି, କେତେ ଭଲ ହୁଅନ୍ତା ସତରେ। ସବୁ



ସତ୍ୟ ଜଳ ଜଳ କରି ସେମାନଙ୍କ ସାମନାକୁ ଆସନ୍ତା। ଧୋତିଟିଏ ପିନ୍ଧିଲେ ମୁଁ ଯେ ଜଣେ ସାଧାରଣ ମଣିଷ ଏହି ଧାରଣା ମନ ଭିତରେ ରହିବା ସଙ୍ଗେ ସଙ୍ଗେ ନିଜ ଭିତରକୁ ଅହଂକୁ ପ୍ରବେଶ କରିବାକୁ ଦିଏନାହିଁ। ଆମର ପୁରାଣ-ଶାସ୍ତ୍ର ଓ ପରମ୍ପରା ଯାହା କୁହେ ଆମ୍ଭେ ଭାରତୀୟମାନେ ଶାନ୍ତ-ଶିଷ୍ଟ ସରଳ-ଭଦ୍ର ଆଉ ନମ୍ର। ଏହି ଗୁଣଗୁଡ଼ିକ ଆମର ମୌଳିକତା। ଅହଙ୍କାର ପ୍ରତ୍ୟେକ ମଣିଷର ଏକ ବାହ୍ୟରୂପ। ଏହା ମଣିଷ ସହିତ ନଥାଏ। ଏହା ବାହାରୁ ଆସେ ଆଉ ସୁବିଧା ସୁଯୋଗ ପାଇଲେ ନିଜର ଆସନ ଜମାଇବସେ। ଧୋତିଟିଏ ପିନ୍ଧିଲେ ମନ ଆପେ ଆପେ ସରଳ ହୋଇଯାଏ-କିନ୍ତୁ ଦୃଢ଼ତା ଆସେ। ସେ ମନ କେବେ କାହାକୁ ଈର୍ଷା କରେନା। ସେ ମନ ଚାହେଁ ସବୁ ସମୟରେ ସମସ୍ତଙ୍କୁ ସାହାଯ୍ୟ କରିବା ପାଇଁ। ଅନେକ ସମୟରେ ଦେଖିବେ ଏହି ପେ□ ପିନ୍ଧା ବାବୁମାନେ ସେମାନଙ୍କର ବିବାହ - ବ୍ରତ ଇତ୍ୟାଦି ଉତ୍ସବମାନଙ୍କରେ ଧୋତିଟିଏ ପିନ୍ଧିଥିବେ। ଏହାର କାରଣ ସେହିଦିନ ସେମାନେ ନିଜ ଘରକୁ ଅନ୍ୟମାନଙ୍କୁ ନିମନ୍ତ୍ରଣ କରିଥିବାରୁ ନିଜେ ଭଦ୍ର ଓ ନମ୍ର ହେବାକୁ ଚାହାଁନ୍ତି। ଏହାଦ୍ୱାରା ସେମାନେ ସ୍ୱୀକାର କରନ୍ତି ଯେ ଧୋତି ସେମାନଙ୍କୁ ଭଦ୍ର ଓ ନମ୍ର କରିଦିଏ।

ସମୟ ସବୁବେଳେ ଗତିଶୀଳ। ଏହା କେବେ କୌଣସି ପରିସ୍ଥିତିରେ ମଧ୍ୟ ଅଟକେ ନାହିଁ। ଆଉ ବଦଳିବା ମଧ୍ୟ ଏହି ସମୟର ଏକ ଆହ୍ୱାନ। ସେ ଆହ୍ୱାନ ସମସ୍ତଙ୍କ ପାଇଁ। କିନ୍ତୁ ଯେଉଁମାନେ ଦୃଢ଼ମନା, ଦୃଢ଼ଚେତା ସେମାନଙ୍କୁ ସମୟ ବଦଳାଏ - ସଂପୂର୍ଣ୍ଣ ବଦଳାଇ ପାରେନା। ସେମାନେ ସେମାନଙ୍କର ନିଜ ନିଜର ଆଦର୍ଶରେ ଥାଆନ୍ତି। ଏଠାରେ ଗୋଟିଏ ଉଦାହରଣ ଦେବାକୁ ଉଚିତ ମନେ କରୁଛି। ମହାତ୍ମାଗାନ୍ଧୀ ରାଜନୀତିକୁ ଆସିବା ପୂର୍ବରୁ ପେ□-ସାର୍ଟ ପିନ୍ଧୁଥିଲେ। ଯେତେବେଳେ ସେବା କରିବାର ମନୋବୃତ୍ତି ତାଙ୍କ ଭିତରକୁ ପ୍ରବେଶ କଲା - ସେ ପରିଧାନ କଲେ ଧୋତି। ଏହି ଧୋତି ପିନ୍ଧି ସେ ସର୍ବତ୍ର ଭାରତୀୟ ଭାବରେ ପରିଚିତ ହେବାକୁ ଉଚିତ୍ ମନେକଲେ। ସେ ଭଲ ଭାବରେ ଜାଣିଥିଲେ ପେ□-ସାର୍ଟ ପିନ୍ଧିଲେ ସେ ଭାରତୀୟ ହୋଇପାରିବେନି କିମ୍ବା ଭାରତୀୟ ଚିନ୍ତାଧାରା, ଆଦର୍ଶ ଓ ଦର୍ଶନରେ ସେ ନିଜକୁ ଉଦ୍‌ବୁଦ୍ଧ କରିପାରିବେନି। ଯଦିବା କରନ୍ତି ଭାରତୀୟମାନେ ତାଙ୍କୁ ଗ୍ରହଣ କରିବେନି। ଏଣୁ ଏହି ଧୋତି ପିନ୍ଧି ସେ ପ୍ରବେଶ କଲେ ବିଲାତ ପାର୍ଲାମେ□। ସୃଷ୍ଟିକଲେ ଏକ ଅନନ୍ୟ ପରମ୍ପରା। ଧୋତି ପିନ୍ଧିଲେ ମନ ଭିତରେ ଏକ ଦୃଢ଼ତା ଆସେ। ଭାରତୀୟ ବୋଲି ଗର୍ବ ଆସେ। ସେ ଗର୍ବ ମଣିଷକୁ ବିପଥଗାମୀ କରାଏନା-ଉଚ୍ଚାସୀନ କରାଏ। ଆମେ ଜାଣିଛନ୍ତି ଇଂରେଜମାନେ କେବଳ ବେପାର କରିବା ପାଇଁ ଭାରତ ଆସିଥିଲେ-ଦେଶ ଶାସନ ପାଇଁ ନୁହେଁ। ବେପାରୀ ଜାତି ହୋଇଥିବାରୁ ଦେଶ ଶାସନକୁ ମଧ୍ୟ ବେପାର କରିଦେଲେ, ଯାହା ଆଜି ଆମର ନେତାମାନେ କରୁଛନ୍ତି।

ଏହି ବେପାରୀ ଇଂରେଜମାନେ ଭାରତରୁ ସମସ୍ତ କଂଚାମାଲ ନେଇ ତାଙ୍କ ଦେଶରେ କାରଖାନା କରି, ପ୍ରସ୍ତୁତ ସାମଗ୍ରୀକୁ ଆମ ଦେଶର ଲୋକଙ୍କୁ ଚଢ଼ା ଦାମ୍‌ରେ ବିକ୍ରି କରୁଥିଲେ। ଏହିସବୁ ବେପାର ଭିତରେ କପା (ତୁଳା) ଥିଲା ମୁଖ୍ୟ। ସେମାନେ ଆମ ଦେଶରୁ ତୁଳା ନେଇ ତାଙ୍କ ଦେଶରେ ଲୁଗା ତିଆରି କରି ଆମକୁ ବିକ୍ରି କରି ପ୍ରଚୁର ଲାଭ କରୁଥିଲେ। ଗାନ୍ଧୀ ଯେତେବେଳେ ଆଣ୍ଠୁଲୁଚ ଲୁଗାଟିଏ ପିନ୍ଧି, ଗୋଲଟେବୁଲ ବୈଠକରେ ଯୋଗଦେବା ପାଇଁ ବିଲାତ ଗଲେ, ଇଂରେଜମାନେ ତାଙ୍କୁ ଖୁସି କରିବା ପାଇଁ ସେହି ଲୁଗା ମିଲ୍ ସବୁ ବୁଲାଇ ଦେଖାଇଲେ। ଏହିସବୁ ଲୁଗା ମିଲ୍ ଗାନ୍ଧୀ ଦେଖିସାରିବା ପରେ ଇଂରେଜମାନେ ତାଙ୍କର ମତାମତ ଲୋଡ଼ିଲେ। ସେମାନେ ଭାବୁଥିଲେ ଗାନ୍ଧୀ ଖୁବ୍ ଖୁସି ହୋଇ ଯାଇଥିବେ। ଗାନ୍ଧୀ ତାଙ୍କ ଉତ୍ତରରେ କହିଲେ ମୁଁ ଭାରତକୁ ଫେରିଲେ ଭାରତରେ ଗୋଟେ ବମ୍ ପକାଇବି, ସେହି ବମ୍ ତୁମର ମିଲ୍ ସବୁ ଜାଳିପୋଡ଼ି ଧ୍ୱଂସ କରିଦେବ। ଗାନ୍ଧୀଙ୍କର କଥାକୁ ଇଂରେଜମାନେ ବୁଝିପାରିଲେ ନାହିଁ। ଗାନ୍ଧୀ ଭାରତ ଫେରିଲେ। ଭାରତମାଟିରେ ପାଦଦେବା ମାତ୍ରେ ସେ ତାଙ୍କର ବମ୍‌ଟି ନିକ୍ଷେପ କଲେ ଭାରତ ମାଟିରେ। ଏହାର କିଛିଦିନ ପରେ ବିଲାତରେ ଥିବା ସମସ୍ତ ଲୁଗା କାରଖାନା ନଷ୍ଟ ହୋଇଗଲା। ସେହି ବମ୍‌ଟି ଥିଲା "କୁଟି ଖାଅ- କାଟି ପିନ୍ଧ।"

ସମୟ ବଦଳି ଯାଇଛି। ତା' ସହିତ ବଦଳି ଯାଇଛି ଆମ୍ଭର ଉଚ୍ଚ ଚିନ୍ତାଧାରା ଆଉ ପରମ୍ପରା। ଅନ୍ୟକୁ ଦେଖି ଅନୁକରଣ କରିବାର ଓ ଶିଖିବାର ପ୍ରବୃତ୍ତି ଆମର ବଢ଼ି ଯାଇଛି। ବର୍ତ୍ତମାନର ସମାଜରେ ଧୋତିପିନ୍ଧା ଲୋକଟିର ଇଜ୍ଜତ ଆଉ ନାହିଁ କହିଲେ ଚଳେ। ପ୍ରତି ମୁହୂର୍ତ୍ତରେ ଆଉ ପ୍ରତି ପଦକ୍ଷେପରେ ଆଜିର ଲୋକେ ସେମାନଙ୍କୁ ନ୍ୟୂନ ଚକ୍ଷୁରେ ଦେଖୁଛନ୍ତି। କିନ୍ତୁ ସମୟ ଗତିଶୀଳ। ସେ ସମୟ ପୁଣି ଫେରିବ। ଧୋତି-ଆଉ ଶାର୍ଟ ତା'ର ପୂର୍ବ ସମ୍ମାନ ପୁଣି ଫେରି ପାଇବ। ସେ ସମୟ ଆଉ ବେଶି ଦୂରରେ ନାହିଁ।

**-କୈଳାଶ ଚନ୍ଦ୍ର ପଣ୍ଡା**
*ସମ୍ପାଦକ, "ପ୍ରେମ ପୃଥିବୀ", ଭଦ୍ରକ,*
*ମୋ-୯୪୩୭୩୩୫୧୮୯*

# ବାଘ ସୁରକ୍ଷା ପ୍ରତି ଧ୍ୟାନ ଦିଅ !



ଦେଶରେ ବାଘ ମୃତ୍ୟୁ ନେଇ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନଟିସିଏ) ପକ୍ଷରୁ ଗତ ସପ୍ତାହରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି, ତାହା ଯେତିକି ଉଦ୍‌ବେଗଜନକ, ସେତିକି ଚିନ୍ତାଜନକ ମଧ୍ୟ। ଗତ ୨୦୨୧ ମସିହାରେ ଦେଶରେ ୧୨୭ଟି ବ୍ୟାଘ୍ରଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି। ଏହି ମୃତ ବୋଝ ମଧ୍ୟରୁ ଅର୍ଦ୍ଧେକ ତଥା ୬୦ଟି ବାଘର ମୃତ୍ୟୁ ଶିକାର, ଦୁର୍ଘଟଣା ଏବଂ ମଣିଷ-ବାଘ ଲଢ଼େଇରେ ମୃତ୍ୟୁ ଘଟିଛି। ବିଶେଷ କରି ସଂରକ୍ଷିତ ଅଂଚଳ ବାହାରେ ଏହି ବାଘଗୁଡ଼ିକର ମୃତ୍ୟୁ ଘଟିଥିବା କୁହାଯାଇଛି। ଆହୁରି ମଧ୍ୟ ଏଥିମଧ୍ୟରୁ ମଧ୍ୟପ୍ରଦେଶରେ ସର୍ବାଧିକ ୪୪ଟି ବାଘର ମୃତ୍ୟୁ ଘଟିଥିବା ବେଳେ ଏହାପଛକୁ ମହାରାଷ୍ଟ୍ରରେ ୨୬ଟି, କର୍ଣ୍ଣାଟକରେ ୧୪ଟିର ମୃତ୍ୟୁ ଘଟିଛି। ସେହିପରି ଓଡ଼ିଶାରେ ବର୍ଷକ ମଧ୍ୟରେ ୨୭ଟି କଳାରାପତରିଆ ବାଘର ଚମଡା ବନ ବିଭାଗ ଜବତ କରିଛି। ଏହି ଘଟଣାରେ ବନବିଭାଗ ଏବଂ ପୋଲିସ ୬୦ଜଣଙ୍କୁ ଗିରଫ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ସଂରକ୍ଷିତ ଅଂଚଳ ବାହାରେ ଏହି ବାଘଗୁଡ଼ିକୁ ଶିକାର କରାଯାଇଥିବା ଆଶଙ୍କା କରାଯାଏ। ଅନ୍ୟପକ୍ଷରେ ଦେଶରେ ବାଘମୃତ୍ୟୁ ନେଇ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଉପରେ ପ୍ରତିକ୍ରିୟା ପ୍ରକାଶ କରି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ୨୦୧୨ରୁ ୨୦୨୧ ମଧ୍ୟରେ ଦେଶରେ ବାର୍ଷିକ ହାରାହାରି ୯୮ଟି ବାଘର ମୃତ୍ୟୁ ଘଟୁଛି। ଏହି ମୃତ୍ୟୁ ମଧ୍ୟରେ ବୟାସାଧିକ କାରଣ, ରୋଗ, ଶିକାର, ଦୁର୍ଘଟଣା, ବାଘ-ମଣିଷ ଲଢ଼େଇ ଆଦି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ପ୍ରତିବର୍ଷ ଜାତୀୟ ବାଘ ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ବାଘ ଗଣନା କରାଯାଇଥାଏ। ୨୦୧୮ ମସିହାର ଗଣନା ଅନୁଯାୟୀ ଦେଶରେ ମୋଟ ବାଘ ସଂଖ୍ୟା ୨୯୬୭ ଥିବାବେଳେ ୨୦୧୪ ମସିହାରେ ୨୨୨୬ ଥିଲା। ଯାହାକି ଶିକାର, ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ସତ୍ତ୍ୱେ ଦେଶରେ ବାଘ ସଂଖ୍ୟା ବୃଦ୍ଧି ପାଇଥିବା ସଂକେତ ପ୍ରଦାନ କରିଛି। ମଧ୍ୟପ୍ରଦେଶରେ ସର୍ବାଧିକ ୫୨୬ଟି ବାଘ ଥିବା ଗଣନାରୁ ଜଣାପଡିଥିବା ବେଳେ ଦ୍ୱିତୀୟ ସ୍ଥାନରେ କର୍ଣ୍ଣାଟକ ରହିଛି, ଯେଉଁଠି ୫୨୪ଟି ବାଘ ଅଛନ୍ତି। ସେହିପରି ଉତରାଖଣ୍ଡରେ ୧୪୪ଟି ବାଘ ଥିବା ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ ବାଘ ମୃତ୍ୟୁ ନେଇ ବନ୍ୟଜନ୍ତୁ ସଂରକ୍ଷଣ ସୋସାଇଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ପ୍ରତିବର୍ଷ ଦେଶରେ ବାଘ ମୃତ୍ୟୁ ସଂଖ୍ୟା ବଢିଚାଲିଛି। ପୂର୍ବବର୍ଷ ତୁଳନାରେ ୨୦୨୧ରେ ୪୮ ପ୍ରତିଶତ ବାଘ ମୃତ୍ୟୁ ଘଟିଛି। ୨୦୨୦ରେ ୧୧୧ଟି ବାଘର ମୃତ୍ୟୁ ଘଟିଥିବା ବେଳେ ୨୦୨୧ରେ ୧୬୪ଟିର ମୃତ୍ୟୁ ଘଟିଛି। ଏହା ସତ୍ୟ ଯେ, ସରକାରୀ ରିପୋର୍ଟରେ ବାଘ ମୃତ୍ୟୁ ସଂଖ୍ୟା ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି, ବେସରକାରୀ ରିପୋର୍ଟରେ ଏହି ସଂଖ୍ୟା ଅଧିକ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ତେବେ ବାଘ ମୃତ୍ୟୁ ନେଇ ସବୁଠାରୁ ବଡ ସମସ୍ୟା ହେଉଛି, ଦେଶରେ ଥିବା ବ୍ୟାଘ୍ର ସଂରକ୍ଷଣ ଆଭ୍ୟନ୍ତରୀଣ ବାହାରେ ୩୫ପ୍ରତିଶତ ଟାଇଗର ରେଂଜ ରହିଛି। ଯେଉଁଠାରେ ବାଘ ଶିକାର ଓ ମୃତ୍ୟୁସଂଖ୍ୟା ଅଧିକ ରହିଛି। ଆମ ରାଜ୍ୟରେ ଦୁଇଟି ବାଘ ଅଭୟାରଣ୍ୟ ରହିଛି। ଶିମିଳିପାଳ ଏବଂ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଭୟାରଣ୍ୟ ସମ୍ପର୍କରେ ଗଣମାଧ୍ୟମରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ ବୋଲି



କୁହାଯାଇପାରିବ। ଶିମିଳିପାଳ ବାଘ ଅଭୟାରଣ୍ୟରେ ୭୩ଟି ବାଘ ନିଖୋଜ ବା ଗାଏବ ହୋଇଯାଇଥିବାବେଳେ ସାତକୋଶିଆ ବାଘ ଶୂନ୍ୟ ହୋଇଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଯାହାକି ଅତ୍ୟନ୍ତ ସାଂଘାତିକ। ଶିମିଳିପାଳରେ ୮୫ଟି ବାଘ ଥିବାବେଳେ ଏବେ ଆଉ ୧୨ଟି ବାଘ ଥିବା ଜଣାଯାଏ। ଉଲ୍ଲେଖଯୋଗ୍ୟ ଯେ, ୭୦ ଦଶକରେ ବାଘୁଣୀ 'ଖଇରା' ଯୋଗୁଁ ଶିମିଳିପାଳ କେବଳ ଦେଶ ନୁହେଁ ବିଦେଶରେ ଖ୍ୟାତିଲାଭ କରିଥିଲା। ଏବେ ସେହି ଅଭୟାରଣ୍ୟରେ ଆଉ ମାତ୍ର ୧୨ଟି ବାଘ ଥିବାବେଳେ ଏହା ଶ୍ରୀହୀନ ତଥା ଧ୍ୱଂସାଭିମୁଖୀ ହୋଇପଡିଥିବା କହିଲେ ଭୁଲ ହୋଇନପାରେ। ଅନ୍ୟପକ୍ଷରେ ସାତକୋଶିଆରେ ବାଘ ସଂଖ୍ୟା ବଢାଇବା ପାଇଁ ମଧ୍ୟପ୍ରଦେଶରୁ ଦୁଇଟି ବାଘ ଅଣାଯାଇଥିବାବେଳେ ସେଥିରୁ ଗୋଟିଏ ଫେରାଇ ଦିଆଯିବା ଏବଂ ଅନ୍ୟଟିର ମୃତ୍ୟୁ ଘଟିବା କାହାରିକୁ ଅଛପା ନାହିଁ। ବାଘ ସଂରକ୍ଷଣ ତଥା ବାଘ ବଂଶ ବୃଦ୍ଧି ପାଇଁ ସରକାରୀ ସ୍ତରରେ କେତେ ଆନ୍ତରିକତା ରହିଛି, ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ। ସେହିପରି ଆମ ରାଜ୍ୟରେ ବାଘ ଚମଡା ଜବତ ଘଟଣାରୁ ବାଘ ସୁରକ୍ଷା ପ୍ରତି ବନବିଭାଗ କେତେ ତତ୍ପର ତାହା ମଧ୍ୟ ସୁସ୍ପଷ୍ଟ। ଏହା ସତ୍ୟ ଯେ, ବାଘ ହେଉଛି ଆମର ଜାତୀୟ ପଶୁ। ଏହାର ସୁରକ୍ଷା ପାଇଁ ଅଭୟାରଣ୍ୟ ରହିଛି, ବିଭାଗ ରହିଛି, କଠୋର ଆଇନ ରହିଛି। ଏହାସତ୍ତ୍ୱେ ଯେପରି ବାଘ ମୃତ୍ୟୁ ସଂଖ୍ୟା ବଢିଚାଲିଛି, ବାଘ ବଂଶ ଯେ ଏବେ ବିପଦରେ ଏହା ସ୍ୱୀକାର କହିବାକୁ ହେବ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଶିଶୁ ହସିଲେ ଦେଶ ହସିବ ଓ ଶିଶୁମାନଙ୍କ ଲୁକାୟିତ ପ୍ରତିଭାକୁ ଅନ୍ୱେଷଣ କରିବା ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ ଓ ସମଗ୍ର ଶିକ୍ଷା ଅଭିଯାନର ମିଳିତ ଆନୁକୂଲ୍ୟରେ ଏହି ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳରୁ ୨୧୬ଜଣ ପ୍ରତିଯୋଗୀ ୧୦ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ପ୍ରତି ବ୍ଲକରୁ ୭ଜଣ ଲେଖାଏଁ ଗାଇଡ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କୁନି କୁନି ଛାତ୍ରଛାତ୍ରୀମାନଙ୍କ ପ୍ରେରଣାର ଉତ୍ସ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନଗରପାଳ ସରିତା ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନପୂର୍ବକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରିଣୀ ମମତାରାଣୀ ପରିଡା, ସମ୍ମାନୀତ ଅତିଥି ଭାବେ ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ, କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ ପାବନି କୁମାର ରାଉତ, ଡେରାବିଶ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ସୁରମା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମଗ୍ର ଶିକ୍ଷା ଅଭିଯାନର ସଂଯୋଜିକା କିରଣତୃଷ୍ଣା ସାହୁ ମଞ୍ଚାସୀନ ଥିଲେ। ରତ୍ନାକର ନୋଡାଲ ହାଇସ୍କୁଲ ସି.ଆର.ସି.ସି. ଅନନ୍ତ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅପରାହ୍ନରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶ୍ରୀମତୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୋନାଲି ବେହେରା,କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀ ରାଉତ, ଡେରାବିଶ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀ ବେହେରା, ପଟ୍ଟାମୁଣ୍ଡାଇ ମଣ୍ଡଳ ଶିକ୍ଷା ଅଧିକାରୀ ହରିହର ଦଳାଇ, ମାର୍ଶାଘାଇ ମଣ୍ଡଳ ଶିକ୍ଷା ଅଧିକାରୀ ତନ୍ମୟ ବେହେରା ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହାହିଁ ଏକ ପ୍ରକୃଷ୍ଟ କ୍ଷେତ୍ର ବୋଲି ମତବ୍ୟକ୍ତ କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଅନନ୍ତ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର ଶିକ୍ଷା ଅଭିଯାନର ସଂଯୋଜିକା ଶ୍ରୀମତୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, ଜନସାଧାରଣ, ଜନପ୍ରତିନିଧିମାନେ ଯୋଗଦେଇଥିଲେ।

## ପଂଚୁକ ୫ଦିନ ନାଟ୍ୟ ପ୍ରତିଯୋଗିତା

ଭୁବନେଶ୍ୱର (ପିଏନ୍): ଶ୍ରୀଜଗନାଥଙ୍କ ଦାରୁ ପ୍ରାପ୍ତି ହୋଇଥିବା ସ୍ଥାନ ଦଧିମାଛ ଗାଡ଼ିଆଠାରେ ମା' ବାଉତୀ ରାମଲୀଳା ନାଟ୍ୟ ପ୍ରତିଯୋଗିତା ପଂଚୁକ ୫ଦିନ ବ୍ୟାପୀ ଆରମ୍ଭ ହୋଇଛି। ଏଥିରେ ପ୍ରଥମ ଦିବସରେ ପଲ୍ଲୀ ରାମ ଲୀଳା କମିଟି ପକ୍ଷରୁ 'ସୂର୍ପଣଖା ନାସା ଛେଦନ', ଦ୍ୱିତୀୟ ଦିବସରେ ଲହଙ୍ଗା ପାଇକପୁଟ ରାମଲୀଳା କମିଟି ପକ୍ଷରୁ 'ଲଙ୍କା ପୋଡ଼ି', ତୃତୀୟ ଦିବସରେ ସୁକଳ ମା' ରଣକେଶ୍ୱରୀ ରାମ ନାଟକ କମିଟି ପକ୍ଷରୁ 'ଇନ୍ଦ୍ରଜିତ ବଧ', ଚତୁର୍ଥ ଦିବସରେ ସୋମନାଥପୁଣ ଦେଉଳ ଟାଙ୍ଗୀ ଶ୍ରୀ ଶ୍ରୀ ସୋମନାଥ ନାଟ୍ୟ ସଂସଦ ପକ୍ଷରୁ 'ମହାରାବଣ ବଧ', ପଂଚମ ଦିନରେ କୁମ୍ଭାରପଡ଼ା ଶ୍ରୀ ଶ୍ରୀ ଲଡୁକେଶ୍ୱର ଦେବ ରାମନାଟ୍ୟ ସଂସଦ ପକ୍ଷରୁ 'ଲବ-କୁଶ ଜନ୍ମ' ନାଟକ ଅନୁଷ୍ଠିତ ହେବ। ପୂର୍ଣ୍ଣମୀ ତିଥିରେ ଉଦ୍‌ଯାପନ କରାଯାଇ ବୋଇତ ବନ୍ଦାଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ମାନସ ରଂଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ୨୪୦ ହୃଦ୍‌ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

ଧର୍ମଶାଳା (ପିଏନ୍): ରୋଟାରୀ କ୍ଲବ ଜାରକା ଓ ଆପୋଲୋ ହସପିଟାଲ ଭୁବନେଶ୍ୱର ମିଳିତ ଆନୁକୁଲ୍ୟରେ ବିଶ୍ୱ ହୃଦୟ ଦିବସ ଅବସରରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ୨୪୦ ଜଣ ହୃଦ୍‌ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ଏହି ଶିବିରକୁ ଅବସରପ୍ରାପ୍ତ ସିଡିଏମଓ ବିଜୟ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ ଆପୋଲୋ ହସପିଟାଲର ଡାକ୍ତର ପ୍ରେମାନନ୍ଦ ପଟ୍ଟନାୟକ ଯୋଗଦେଇ ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ହୃଦ୍‌ରୋଗର ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ରୋଟାରୀ କ୍ଲବର ସଭାପତି ପ୍ରମୋଦ କୁମାର ସାମଲ ଓ ସମ୍ପାଦକ ସୁକାନ୍ତ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଡାକ୍ତର ପ୍ରତ୍ୟୁଷ ନାହାକ, ଆପୋଲୋ ହସପିଟାଲର ସଂଯୋଜକ ବିରେନ୍ଦ୍ର ପାତ୍ର, ଟେକନିସିଆନ ମାନସରଂଜନ ନାୟକଙ୍କ ଦ୍ୱାରା ପଂଜିକୃତ ରୋଗୀଙ୍କ ବ୍ଲଡ୍ ସୁଗାର, ରକ୍ତଚାପ ଓ ଓଜନ ମପାଯାଇ ଇସିଜି କରାଯାଇ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇଥିଲା । ଏଥିଲାଗି ୨୪୫ ଜଣ ହୃଦ୍‌ରୋଗୀ ନାମ ପଂଜିକରଣ କରିଥିଲାବେଳେ ଏହି ଶିବିରରେ ୨୪୦ଜଣ ହୃଦ୍‌ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ରୋଟାରିଆନ ପ୍ରଦୀପ୍ତ କୁମାର ବରାଳ, ଅଜାମ୍ବର ସାହୁ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ନିରଂଜନ ପାଣିଗ୍ରାହୀ, ଜୟପ୍ରକାଶ ତ୍ରିପାଠୀ, ଜ୍ୟୋତିପ୍ରକାଶ ଆଚାର୍ଯ୍ୟ, ଚକ୍ରଧର ଲେଙ୍କା, ହରିହର ପଣ୍ଡା, ବିନୋଦ ପରିଡ଼ା, ଅମୂଲ୍ୟ ମହାରଣା, ଜୟଗୁରୁ ପାତ୍ର, ଦୀପକ ଜେନା, ବିପିନ ଷଡଙ୍ଗୀ, କଳାକର ମହାନ୍ତି, ରଶ୍ମିରଂଜନ ରାୟ, ଦେବେନ୍ଦ୍ର ସାହୁ, ଇନରହୁଇଲ କ୍ଲବର ପୂର୍ବତନ ସଭାପତି ମିନତୀ ସାହୁ, ମାଧୁରୀ ଶତପଥୀ, ସଭାନେତ୍ରୀ ଶୁଭଲକ୍ଷ୍ମୀ କର, ସମ୍ପାଦିକା ବିଶ୍ୱମିତ୍ରା ସାହୁ, ଶକୁନ୍ତଳା ମହାନ୍ତି, ଇନ୍ଦୁପ୍ରଭା ସାମଲ, ଅର୍ଚ୍ଚନା ସ୍ୱାଇଁ, କାଦମ୍ବିନୀ ମିଶ୍ର, ଉପାସନା ଶତପଥୀ, କଳ୍ପନା ପରିଡ଼ା, ପ୍ରଭାତନଳିନୀ ସାହୁ, ସରୋଜିନୀ ପଣ୍ଡା, ଅଜନ୍ତା ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଏହି ଶିବିରରେ ଯୋଗଦେଇ ହୃଦ୍‌ରୋଗୀମାନେ ସେମାନଙ୍କ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ରହିବାକୁ ପରାମର୍ଶ ଦେଇଥିଲେ ।

## ପର୍ଯ୍ୟଟନରେ ଯୋଡ଼ିହେଉ ଦୟାନଦୀରେ ନୌକା ବିହାର

ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ସେପ୍ଟେମ୍ବର ମାସ ୨୭ ତାରିଖ ବିଶ୍ୱ ପର୍ଯ୍ୟଟନ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିବସ ଆମକୁ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ କିପରି ଘଟିପାରିବ ତାହା ସୂଚଇ ଦିଏ। ଓଡ଼ିଶାରେ ଏପରି ଅନେକ ସ୍ଥାନ ଅଛି, ଯାହାକୁ ଦୃଷ୍ଟି ଦିଆଗଲେ ପର୍ଯ୍ୟଟନ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ହେବା ସହ ସ୍ଥାନୀୟ ଅଞ୍ଚଳର ସାମାଜିକ ଏବଂ ଅର୍ଥନୈତିକ ବିକାଶ ସହ ରାଜ୍ୟ ରାଜକୋଷକୁ ମଧ୍ୟ ଅର୍ଥ ଆସିପାରନ୍ତା। ଏମିତି ଏକ ଐତିହାସିକ ସ୍ଥଳ ହେଉଛି ରାଜଧାନୀ ଉପକଣ୍ଠରେ ଥିବା ଧଉଳି। ଧଉଳି ସାମ୍ନା ଦେଇ ବହି ଯାଉଛି ଐତିହ୍ୟର ନଦୀ ଦୟାନଦୀ। ଦୟାନଦୀର ଗୋଟିଏ ପାର୍ଶ୍ୱରେ ଧଉଳି ଥିବାବେଳେ ଅପର ପାର୍ଶ୍ୱରେ ରହିଛି ଐତିହ୍ୟସମ୍ପନ୍ନ ସ୍ଥାନ ରଣ ଗୋହିରୀ। ଧଉଳିକୁ ନିୟମିତ ପର୍ଯ୍ୟଟକ ଆସୁଥିବା ବେଳେ ଅପର ପାର୍ଶ୍ୱରେ ଥିବା ରଣ ଗୋହିରୀ ଏବେ ବି ଅଣଦେଖା ଅବସ୍ଥାରେ ରହିଛି। ରଣ ଗୋହିରୀ ଯାହାକି କଳିଙ୍ଗ-ଅଶୋକ ଯୁଦ୍ଧର ମୂକସାକ୍ଷୀ। ଧଉଳି ଏବଂ ରଣଗୋହିରୀକୁ ସଂଯୋଗ କରୁଥିବା ପୋଲଟି ଏବେ ବି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ତେବେ ଏହି ଦୟାନଦୀକୁ ପର୍ଯ୍ୟଟନର ଅନ୍ୟତମ ଅଂଶ ଭାବେ ଗ୍ରହଣ କରାଯିବା ଦରକାର। ଏଭଳି ଏକ ଐତିହ୍ୟସମ୍ପନ୍ନ ନଦୀରେ ନୌକା ବିହାର ବ୍ୟବସ୍ଥା କରାଯାଇ ପାରିଲେ ତାହା ପର୍ଯ୍ୟଟକଙ୍କୁ ଆକର୍ଷିତ କରନ୍ତା ଏବଂ ଉଭୟ ଧଉଳି ଏବଂ ରଣ ଗୋହିରୀକୁ ଏହା ସଂଯୋଗ କରିପାରନ୍ତା। ଧଉଳି ପାଦଦେଶରେ ଥିବା ଭୈରଙ୍ଗେଶ୍ୱର ସାମ୍ନାରେ ଥିବା ନଦୀତୁଠରେ ନୌକା ଘାଟ କରାଯାଇ ପର୍ଯ୍ୟଟକମାନଙ୍କୁ ନୌକା ବିହାରର ସୁଯୋଗ ସୃଷ୍ଟି କରାଯାଇପାରିଲେ ଭଲ ହୁଅନ୍ତା। ଏପରିକି କୌଣସି ପର୍ଯ୍ୟଟକ ଯଦି ନୌକା ବିହାରରୁ ଅଧିକ ଆନନ୍ଦ ନେବା ପାଇଁ ଚାହିଁବେ ସେମାନଙ୍କ ପାଇଁ ଦୟା ପୋଲ ନିକଟରୁ ମଧ୍ୟ ନୌକା ସେବା ଯୋଗାଇ ଦେବାର ବ୍ୟବସ୍ଥା ହେବା ଦରକାର। ଏହାଦ୍ୱାରା ପର୍ଯ୍ୟଟକମାନେ ଧଉଳି ଛକରୁ ସଡ଼କ ପଥରେ ନଯାଇ ଦୟାର ଜଳପଥରେ ମଧ୍ୟ ଯାଇପାରନ୍ତେ। ଏଥିପାଇଁ ଦୟାକୁ ସୁନାବ୍ୟା କରିବା ଦରକାର। ଧଉଳି ତଳପଟୁ ଦୟାର ଆନ୍ନିକଟ ନିର୍ମାଣ କରାଯାଇ ନଦୀକୁ ସୁନାବ୍ୟା କରାଯାଇ ପାରିବ। ଏଥିପ୍ରତି ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେବା ଦରକାର ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଦାବି କରିଛନ୍ତି।

## ଧର୍ମଶାଳା ଖୋଜ ଅନୁଷ୍ଠାନର ସ୍ଥାୟୀ କମିଟି ଗଠନ



ଧର୍ମଶାଳା (ପିଏନ୍): ଧର୍ମଶାଳାର ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ପ୍ରାକୃତିକ ବୈଭବ ଖୋଜୁଥିବା ସାମାଜିକ ଅନୁଷ୍ଠାନ ଧର୍ମଶାଳା ଖୋଜର ଏକ ବୈଠକ ଜାରକାଠାରେ ଅନୁଷ୍ଠିତ ହୋଇଯାଇଛି । ଏହାର ପ୍ରତିଷ୍ଠାତା ପ୍ରାକ୍ତନ ବିଧାୟକ ଗୁରୁଚରଣ ଟିକାୟତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଧର୍ମଶାଳା ଅଂଚଳରେ ଲୁକ୍କାୟିତ ଥିବା ପ୍ରତିଭା ଓ ସାଂସ୍କୃତିକ ବୈଭବକୁ ଲୋକଲୋଚନକୁ ଆଣିବା ଏହି ଅନୁଷ୍ଠାନର ଲକ୍ଷ୍ୟ ରହିଛି। ଏହି ଆଲୋଚନାରେ ଅନୁଷ୍ଠାନର ଏକ ସ୍ଥାୟୀ କମିଟି ଗଠନ କରାଯାଇଥିଲା। କମିଟିର ସଭାପତି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିର୍ମଳ ସାମଲ, ଉପସଭାପତି ଭାବେ ଅବଦୁଲ କଲାମ, ସମ୍ପାଦକ ଭାବେ ନାଗେଶ୍ୱର ବେହେରା, ସହ-ସମ୍ପାଦକ ଭାବେ ସନ୍ତୋଷ କୁମାର ଜେନା, ସଂଯୋଜକ ଭାବେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁଧୀର କୁମାର ନାୟକ ଓ ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀ ଟିକାୟତଙ୍କୁ ଅର୍ଥ ସମ୍ପର୍କିତ ଦାୟିତ୍ୱ ଦିଆଯାଇଥିଲା । ଏତଦବ୍ୟତିତ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଦାଲିପ ରାଉତ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସ୍ୱାଇଁ, ଶିକ୍ଷାବିତ ରବିନ୍ଦ୍ର ସାହୁ, ପ୍ରସନ୍ନ ବରାଳ, ସାହିତ୍ୟିକ ଅର୍ଜୁନ ପୃଷ୍ଟି, ରାଜିବ ମଲିକ, ବିଷ୍ଣୁ ଚରଣ ବାରିକ, ମନୋଜ କୁମାର ନାୟକ, ଗୌରାଙ୍ଗ ସାହୁ, ଦିବ୍ୟଜ୍ୟୋତି ସାମଲ ଓ ଉଦୟ ମହାରଣା କାର୍ଯ୍ୟକାରୀ ସମିତି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି ।

## ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଦ୍ୱାଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମେଳା ପ୍ରସ୍ତୁତି ବୈଠକ



ଯାଜପୁର (ପିଏନ୍): ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଦ୍ୱାଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳା ନିମନ୍ତେ ଯାଜପୁର ଜିଲ୍ଲା ସ୍କୁଲଠାରେ ଏକ ପ୍ରସ୍ତୁତି ବୈଠକ ଶ୍ରୀ ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୪ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କରୋନାର ଭୟାବହତା ଓ କଟକଣା ଯୋଗୁ ୨୦୨୦ ଏବଂ ୨୦୨୧ ଦୁଇ ବର୍ଷ ଧରି ଏହି ପୁସ୍ତକମେଳା ଅନୁଷ୍ଠିତ ହେବା ସମ୍ଭବ ହୋଇପାରି ନଥିଲା। ତେଣୁ ଚଳିତ ବର୍ଷ କଟକଣା ନଥିବାରୁ ଏହି ପୁସ୍ତକ ମେଳାର ଆୟୋଜନ କରାଯିବାକୁ ସ୍ଥିର କରାଗଲା। ବୈଠକର ପ୍ରାରମ୍ଭରେ ପୁସ୍ତକମେଳା ସହିତ ସଂପର୍କିତ ବହୁ ସକ୍ରିୟ କର୍ମକର୍ତ୍ତା ତଥା ସଦସ୍ୟ/ସଦସ୍ୟାଙ୍କ ବିୟୋଗରେ ଶୋକପ୍ରକାଶ କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ସମସ୍ତ ସ୍କୁଲ କଲେଜର ଅଧ୍ୟକ୍ଷ ଓ ପ୍ରଧାନ ଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀଙ୍କ ସହିତ ଯୋଗାଯୋଗ କରାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ ହେଲା। ଯାଜପୁରର ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହିତ ପୁସ୍ତକ ମେଳା ସହିତ ସଂପୃକ୍ତ ସମସ୍ତ ବିଭାଗ ସହିତ ସମନ୍ୱୟ ରକ୍ଷାକରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହେଲା। ପିଲାମାନଙ୍କର ବୋଧଜ୍ଞାନର ଉତ୍ତରଣ ନିମନ୍ତେ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କ ସହିତ ଯୋଗାଯୋଗ କରାଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହି ବୈଠକରେ ଉପସଭାପତି ବିଭୂତି ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସଂଗଠନ ସଂପାଦକ ହୃଷିକେଶ ପତି ବୈଠକ ପ୍ରାରମ୍ଭରେ ସ୍ତୋତ୍ରପାଠ କରିଥିଲେ, ପୂର୍ବଭଳି ଆସନ୍ତା ଡିସେମ୍ବର ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ପୁସ୍ତକ ମେଳା କରାଯିବାକୁ ସ୍ଥିର କରାଗଲା। ଜିଲ୍ଲାସ୍ତରୀୟ ଅଧିକାରୀ ସହିତ ଆଲୋଚନା କରାଯାଇ ପୁସ୍ତକମେଳା ନିମନ୍ତେ ସଂରକ୍ଷଣ କରାଯିବା ପାଇଁ ସ୍ଥିର କରାଗଲା। ସଂପାଦକ ଡା. କାହ୍ନୁ ଚରଣ ମିଶ୍ର ପୁସ୍ତକମେଳାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ପ୍ରଫେସର ଉଦୟନାରାୟଣ ପରିଡ଼ା, ଶିକ୍ଷାବିତ୍ ଦଶରଥ ସାମଲ, ପ୍ରଫେସର ହରିଶ୍ଚନ୍ଦ୍ର ପଣ୍ଡା, ପ୍ରଶାସକ ଗଦାଧର ରାଉତ, ସୁବାସ ଚନ୍ଦ୍ର ମହାପାତ୍ର, ଅଧ୍ୟାପକ କ୍ଷୀରୋଦ କୁମାର ବେହେରା, ଆଡଭୋକେଟ୍ ଅଖିଳମୋହନ ଦାଶ, ବିଷ୍ଣୁ ଚରଣ ଦଳାଇ, ଅଭିମନ୍ୟୁ ମିଶ୍ର, ବୃନ୍ଦାବନ ମିଶ୍ର, ଅଧ୍ୟାପକ ନିତ୍ୟାନନ୍ଦ ଦେଓ, ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସାଂସ୍କୃତିକ ସଂପାଦକ ପାଣ୍ଡବ ଚରଣ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମର ସମ୍ୟକ୍ ସୂଚନା ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।




# ବଲାଙ୍ଗିର ଠାରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୨ ପାଳନ ଉପଲକ୍ଷେ ସଚେତନତା ସଭା ଅନୁଷ୍ଠିତ

ବଲାଙ୍ଗିର ,(ପି.ଏନ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ - ୨୦୨୨ ଅକ୍ଟୋବର ୩୧ ତାରିଖ ଠାରୁ ଆରମ୍ଭ ହୋଇ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି । ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୨ ପାଳନ ଉପଲକ୍ଷେ ଆଜି ପୂର୍ବାହ୍ନ ରେ ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ବଲାଙ୍ଗିର ଶାଖା ପକ୍ଷରୁ ସ୍ଥାନୀୟ ପତିତ ପାବନ ଏକାଡେମି ହଲ ଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ବାର୍ତା ହେଉଛି " ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତି ମୁକ୍ତ ଭାରତ " । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସାଧାରଣ ନିଜର ଦାୟିତ୍ୱ ,କର୍ତ୍ତବ୍ୟ ଓ ଅଧିକାର ପ୍ରତି ସଚେତନ ହେଲେ ଦୁର୍ନୀତି କୁ ରୋକାଯାଇ ପାରିବ ଏବଂ ପ୍ରତ୍ୟେକ ସ୍ତରରେ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସଭାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରୁ ଦୁର୍ନୀତି ରୋକିବାକୁ ହେଲେ ବ୍ୟାପକ ଜନସଚେତନତା ସହ ମାନସିକତା ରେ ପରିବର୍ତନ ଆଣିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଡ଼ି.ଏସ.ପି ଭିଜିଲାନ୍ସ ,ବଲାଙ୍ଗିର ପୁଲସ୍ତି ଛତ୍ରିଆ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ ଦୁର୍ନୀତି ନିବାରଣ ବିଭାଗ ବଲାଙ୍ଗିର ଶାଖା ପକ୍ଷରୁ ଦୁର୍ନୀତି ନିବାରଣ ସକାଶେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସୂଚନା ଯୋଗ୍ୟ ଯେ ଦୁର୍ନୀତି ନିବାରଣ ବିଭାଗ, ବଲାଙ୍ଗିର ଶାଖା ରାଜ୍ୟ ସ୍ତରରେ ଶ୍ରେଷ୍ଠ ବିବେଚିତ ହୋଇ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ - ୨୦୨୨ ରାଜ୍ୟ ସ୍ତରୀୟ ସମାରୋହରେ ପୁରସ୍କୃତ ହୋଇଛି । ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୨ ପାଳନ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡିଆ ଏବଂ ଇଂରାଜୀ ଭାଷା ରେ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗିତା ପ୍ରଥମେ ବ୍ଲକ ଓ ମ୍ୟୁନିସିପାଲିଟି ତଥା ଏନ.ଏ.ସି ସ୍ତରରେ କରାଯାଇ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ରେ ଭାଗ ନେଇଥିଲେ । " ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତି ମୁକ୍ତ ଭାରତ " ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଓଡିଆ ଏବଂ ଇଂରାଜୀ ଭାଷା ରେ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ଆଜି ଅନୁଷ୍ଠିତ ସଚେତନତା ସଭା ରେ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ସଭା ସଂଯୋଜନା କରିଥିଲେ । ପତିତ ପାବନ ଏକାଡେମି ର ପ୍ରଧାନ ଶିକ୍ଷକ ସିନୁ ସୁନ୍ଦର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ନାଗରିକ କମିଟି ,ବରିଷ୍ଠ ନାଗରିକ ଫୋରମ ର କର୍ମକର୍ତା ,ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ,ଶିକ୍ଷକ ଶିକ୍ଷୟତ୍ରୀ , ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା ସରକାରୀ ଅଧିକାରୀ ଙ୍କ ସମେତ ଦୁର୍ନୀତି ନିବାରଣ ବିଭାଗ ବଲାଙ୍ଗିର ଶାଖା ର କର୍ମଚାରୀ ମାନେ ଯୋଗଦେଇଥିଲେ ।

## ସୋତିରେ ପଂଚୁକ ପାଇଁ ମୁରୁଜ ପ୍ରତିଯୋଗୀତା

କୋରାଇ, (ପି.ଏନ): ପବିତ୍ର କାର୍ତିକ ମାସ ଓ ପଂଚୁକ ଅବସରରେ କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତର ସୋତି ଗ୍ରାମର କିଶୋରୀ କ୍ଲବ ଠାରେ ପ୍ରତମଥର ପାଇଁ ଶ୍ରୀ ଜଗନ୍ନାଥଙ୍କ ବାଙ୍କଚୁଡ ବିଷୟବସ୍ତୁକୁ ଭିତିକରି ମୁରୁଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଭରତ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଆୟୋଜିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଗୋଳେଇପୁର ସରପଂଚ ସସ୍ମୀତା ମାଝୀ ଯୋଗଦେଇଥିଲେ । ଉତ୍ସାହର ସହିତ ଗ୍ରାମର ଝିଅ ମାନେ ଏହି ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ପ୍ରିୟଙ୍କା ମହାପାତ୍ର ପ୍ରଥମ, ଅନ୍ନପୂର୍ଣ୍ଣା ନାୟକ ଦ୍ୱିତୀୟ, ନିରୁପମା ନାୟକ ଓ ନିହାରୀକା ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ଉମାକାନ୍ତ ଖଣ୍ଡାଇ, ସମ୍ପାଦକ ଶାନ୍ତନୁ ପଣ୍ଡା, ପରିଚାଳକ ଭାବେ ଆଂଚଳିକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନିରଂଜନ ନାୟକ ଓ ସହଯୋଗୀ ଭାବେ ଅନାମ ଚରଣ ମହାପାତ୍ରଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମାଲକାନଗିରିରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, (ପି.ଏନ): ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଆଜି ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ , ବିଶାଲ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗଲୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ କହିଛନ୍ତି ଯେ ମିଶନଶକ୍ତିର ମାଆମାନେ ଆଗାମୀ ଦିନରେ ତୃଣମୂଳସ୍ତରରେ ଦୁର୍ନୀତି ନିବାରଣ ସଚେତନତା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ । ଏହି ଅବସରରେ ଜିଲ୍ଲାପାଳ , ଶ୍ରୀ ସିଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଦୁର୍ନୀତି ପରିପ୍ରେକ୍ଷୀରେ ଶୂନ୍ୟ ସହନଶୀଳତା ନୀତି ଆପଣେଇବାକୁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ୫ ଟି ସୂତ୍ରୀର ସମୟ , ପ୍ରଯୁକ୍ତି ଏବଂ ସ୍ୱଚ୍ଛତାକୁ ଆଧାର କରି ସମସ୍ତ ସରକାରୀ କାର୍ଯ୍ୟ ସଂପାଦନ କରିବା ପାଇଁ ଶ୍ରୀ ସିଂ ଏଠାରେ ଗୁରୁତ୍ୱାରୋପ କରିଛନ୍ତି । ଜନଶୁଣାଣି ପୋର୍ଟାଲ ଏବଂ ହେଲ୍ପଲାଇନ ନମ୍ବରର ସହାୟତା ନେଇ ଜିଲ୍ଲା ପ୍ରଶାସନକୁ ଅବଗତ କରିବା ପାଇଁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି । ମାଲକାନଗିରି ଦୁର୍ନୀତି ନିବାରଣ ବିଭାଗର ଡି.ଏସ.ପି ଶ୍ରୀ ସୁଶାନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରି ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ପ୍ରବନ୍ଧ , ବକ୍ତୃତା ଓ କାର୍ଟୁନ ପ୍ରତିଯୋଗିତା କରାଯାଇଥିଲା । ଏଥିରେ ସଫଳତା ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ମିଶନ ଶକ୍ତି ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହେଶ୍ୱର ଚନ୍ଦ୍ର ନାଇକ , ସିଡିଓ ତଥା ଇଓ , ଜିଲ୍ଲା ପରିଷଦ , ଶ୍ରୀ ରତ୍ନାକର ସାହୁ , ଉପଜିଲ୍ଲାପଳ , ଶ୍ରୀ ଅକ୍ଷୟ ଖେମୁଡୁ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ , ଶ୍ରୀ ବଳଭଦ୍ର ଦୀପ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ , ପ୍ରମିଳା ମାଝୀ ସଂଯୋଜନା କରିଥିଲେ ।

# ଓଡ଼ିଶା କୃଷକ ସଭାର ଭଦ୍ରକ ଜିଲ୍ଲା ସମ୍ମିଳନୀ

ଭଦ୍ରକ, (ପି.ଏନ): ସମସ୍ତ ଚାଷ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ଯୁକ୍ତ ଆଇନ୍ ସଂସଦରେ ଆଣିବା, ଚାଷୀ ଆତ୍ମହତ୍ୟା ରୋକିବା ପାଇଁ ସମସ୍ତ କୃଷକଙ୍କ କୃଷି ଋଣ ଛାଡ କରାଯିବା, ଭଦ୍ରକ ଜିଲାର ସମସ୍ତ ଚାଷଜମିକୁ ଶତ ପ୍ରତିଶତ ଜଳସେଚନ କରାଯିବା, ସମସ୍ତ ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ଦେବା, ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ନିୟନ୍ତ୍ରଣ କରିବା ଆଦି ଦାବୀନେଇ ଅଖିଳ ଭାରତ କୃଷକ ସଭା ସହବଂଧିତ ଓଡ଼ିଶା କୃଷକ ସଭାର ୮ମ ଭଦ୍ରକ ଜିଲା ସମ୍ମିଳନୀ ଆଗରପଡା ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ପ୍ରାରମ୍ଭରେ ସଂଗଠନର ରକ୍ତ ପତାକାକୁ ଜିଲା ସଭାପତି ଚନ୍ଦ୍ରଶେଖର ନାୟକ ଉତୋଳନ କରିଥିଲେ। ଏହି ସମ୍ମିଳନୀ ପରିପ୍ରେକ୍ଷୀରେ ଏକ ଲାଲ ପଟୁଆର ଆଗରପଡା ସହର ପରିକ୍ରମା କରି ଆଗରପଡା ବଜାରରେ ଓଡ଼ିଶା କୃଷକ ସଭାର ଜିଲା ସଭାପତି ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସାଧାରଣ ସଭାରେ ଓଡ଼ିଶା କୃଷକ ସଭାର ରାଜ୍ୟ ସଭାପତି ଜମେଶ୍ୱର ସାମନ୍ତରାୟ, ରାଜ୍ୟ ଉପସଭାପତି ନିର୍ମଳ ନାୟକ, ଅନ୍ୟତମ ଉପସଭାପତି ଅଭିରାମ ବେହେରା, ଯୁଗ୍ମ ସଂପାଦକ ବିକାଶ ନାଥ, ବାଲେଶ୍ୱର ଜିଲା ସଭାପତି ଜଗଦାନନ୍ଦ ମହାପାତ୍ର, ଭଦ୍ରକ ଜିଲା ସଂପାଦକ ପ୍ରଭାସ ମହାପାତ୍ର, ଚାଷୀ ନେତା ଶଶିଭୂଷଣ ପଣ୍ଡା, ଶ୍ରମିକ ନେତା ଦିବ୍ୟସିଂହ ନାୟକ, ରାଧା ଦାସ, ଏସଏଫଆଇ ରାଜ୍ୟ ସଂପାଦକ ଷ୍ଟାଲିନ ଟିଟନ ଲେଙ୍କା, ଯୁବନେତା ପ୍ରତାପ ସେଠୀ, ବିକ୍ରମ ନାୟକ,ଚାଷୀ ନେତା ମହେଶ୍ୱର ନାୟକ, ଅଭିରାମ ବଳ, ମହିଳା ନେତ୍ରୀ ରୋଜାଲିନ୍ ସାମ୍ୟବାଦୀ, କାମିନୀ ଭୋଇ, ଚାଷୀ ନେତା ନିରଞ୍ଜନ ପାଣି, ମଳୟ ଭୋଇ, ବିଷ୍ଣୁ ଦାଶ, ଶ୍ରମିକ ନେତା ବାମଦେବ ମିଶ୍ର, କାଳନ୍ଦୀ ପାତ୍ର, ଚାଷୀ ନେତା ସନାତନ ଜେନା, ଭଗବାନ ପଲେଇ, ଅଭିରାମ ସେଠୀ, କିଶୋର ଜେନା, ସୁକାନ୍ତ ପ୍ରଧାନ, ରୋହିତ ପେଡି ପ୍ରମୁଖ ଯୋଗଦେଇ ଖୋଲା ଅଧିବେଶନରେ ବକ୍ତବ୍ୟ ରଖିଥିଲେ। ବିଶେଷକରି ଜାତୀୟ ସଂପତିକୁ ରକ୍ଷା କରିବା, ଦେଶର ଏକତା, ଭାଇଚାରା, ଅଖଣ୍ଡତା, ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଚାଷୀମାନେ ଓଡ଼ିଶା କୃଷକ ସଭାର ଶକ୍ତି ବୃଦ୍ଧି କିରବାକୁ ବକ୍ତାମାନେ ନିବେଦନ କରିଥିଲେ।

## ଏନ୍ଏସି ରାସ୍ତାରେ ଜନସ୍ୱାସ୍ଥ୍ୟ ବିଭାଗର ମ୍ୟାନହୋଲ !

ଭୁବନ, (ପି.ଏନ): ଭୁବନ ଜନସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ପ୍ରାପ୍ତ ତଥା ଦୀର୍ଘ ୧୪ ବର୍ଷ ହେଲା ଏଠାରେ ରହିଥିବା ଅନଭିଜ୍ଞ କନିଷ୍ଠ ଯନ୍ତ୍ରୀ ଙ୍କ କାର୍ଯ୍ୟକଳାପକୁ ନେଇ ଦିନକୁ ଦିନ ଜନସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେଉଛି । ପାନୀୟ ଜଳ ଯୋଗାଣରେ ତାରତମ୍ୟ ରହୁନଥିବା ବେଳେ ଦୂରଦୃଷ୍ଟି ଅଭାବରୁ ଠିକାଦାର ଅତ୍ୟନ୍ତ ନିମ୍ନମାନର ତଥା ମନମୁଖୀ କାର୍ଯ୍ୟ କରି ରାସ୍ତାରେ ମ୍ୟାନହୋଲ କରି ଛାଡି ଚାଲିଯାଉଛି ।

# ସୁଭାଷ ବୋଷ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ମେଳା

କୋରାଇ, (ପି.ଏନ): ପାଣିକୋଇଲି ସ୍ଥିତ ସୁଭାଷ ବୋଷ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ମେଳା ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନ ମେଳାକୁ ବିଦ୍ୟାଳୟର ସମ୍ପାଦକ ବିଜନ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସିଆରସିସି ଅଖିଳ ମୋହନ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ର/ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ୬୨ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା । ଜଳ ଚକ୍ର, ଶ୍ୱସନ ପ୍ରକ୍ରିୟା, ବର୍ଷାଜଳ ସଂରକ୍ଷଣ, ସୌର ଜଗତ, ଅମ୍ଳଜାନର ଉପସ୍ଥିତି, ଆମ ଶରୀରର ବିଭିନ୍ନ ଅଙ୍ଗ, ବିଭିନ୍ନ ପ୍ରକାରର ଶିଳା, ବିଭିନ୍ନ ପ୍ରକାରର ଖାଦ୍ୟ, ୱାଟର ଆଲାରାମ, ପ୍ରାଥମିକ ଚିକିତ୍ସା, ସୌର ଜଳସେଚନ, ସୂର୍ଯ୍ୟ ପରାଗ, ଶକ୍ତି ଏବଂ ନିରାପଦ ପରିବେଷ ପାଇ ବର୍ଜ୍ୟ ବସ୍ତୁ, ପଶୁମାନଙ୍କ ଖାଦ୍ୟ ଅଭ୍ୟାସ, ଲାଭା ଉଦ୍‌ଗିରଣ, କମ୍ପ୍ୟୁଟର, ଗଛର ବିଭିନ୍ନ ଅଙ୍ଗ, ଟ୍ରାଫିକ ରୁଲ, ପବନ ଶକ୍ତି ଦ୍ୱାରା ନୌକା ଚାଳନା ଇତ୍ୟାଦି ପ୍ରକଳ୍ପ ଗୁଡିକୁ ଛାତ୍ର/ଛାତ୍ରୀ ମାନେ ପ୍ରଦର୍ଶିତ କରିଥିଲେ। ନିକଟସ୍ଥ ମା ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ର/ଛାତ୍ରୀ ଓ ଶିକ୍ଷକ/ଶିକ୍ଷୟତ୍ରୀମାନେ ଘଟଣାସ୍ଥଳ ପରିକ୍ରମା କରି ବୁଲି ଦେଖିଥିଲେ। ମା ତାରଣୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷତ୍ରୀ ସ୍ୱପ୍ନାରାଣୀ ଦାସ ଏବଂ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶ୍ରୀକାନ୍ତ ଦାସ ବିଚାରକ ଭାବେ ଯୋଗଦେଇ ପ୍ରଦର୍ଶନୀ ଉପରେ ଛାତ୍ର/ଛାତ୍ରୀଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ପ୍ରଶ୍ନ ପଚାରିଥିଲେ । ପ୍ରଦର୍ଶନୀରେ ଭାଗ ନେଇଥିବା ଛାତ୍ର/ଛାତ୍ରୀଙ୍କ ମଧ୍ୟରୁ କନିଷ୍ଠ ବର୍ଗରୁ ସ୍ନେହାଂଶୁ ରଣା(୨ୟ) ଓ ଅନୁପ କୁମାର ପାତ୍ର(୧ମ) ଯୁଗ୍ମ ଭାବେ ପ୍ରଥମ ସ୍ଥାନ, ଶୁଭଶ୍ରୀ ଯେନା(୨ୟ) ଦିତୀୟ ସ୍ଥାନ, ଭାଗ୍ୟଶ୍ରୀ ଦଳାଇ(୨ୟ) ତୃତୀୟ ସ୍ଥାନ ହାସଲ କରିଥିଲେ । ସେହିପରି ବରିଷ୍ଠ ବିଭାଗରେ ପ୍ରତ୍ୟୁଷା ମାଝୀ(୫ମ) ପ୍ରଥମ ସ୍ଥାନ, ମହକ ମଳୟ ମହାପାତ୍ର(୫ମ) ଦିତୀୟ ସ୍ଥାନ, ଦିବ୍ୟାଂଶୁ ସ୍ୱାଇଁ(୫ମ) ଓ ଅରିସ୍ମିତା ବାରିକ(୩ୟ) ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ର କୁମାର ସେନାପତିଙ୍କ ସମେତ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ବିଜ୍ଞାନ ମେଳା ପରିଚାଳନାରେ ସହଯୋଗ କରିଥିଲେ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# କଳାହାଣ୍ଡି ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ ଅନୁଷ୍ଠିତ

ଭବାନୀପାଟଣା, (ପି.ଏନ): ସ୍ଥାନୀୟ ବ୍ରଜମୋହନ ହାଇସ୍କୁଲ୍ ପରିସରରେ କଳାହାଣ୍ଡି ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ''ସୁରଭି-୨୦୨୨'' ତଥା କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡିଇଓ ସୁଶାନ୍ତ ଚୋପଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ସମାରୋହରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଡିଇଓ ଟେମଲାଲ ଦୁବେ, ବିଏମ୍ ହାଇସ୍କୁଲର ପ୍ରଧାନଶିକ୍ଷକ ଷଷ୍ଠୀ ଝାଙ୍କର, ମ.ରାମପୁର ବିଇଓ ଠାକୁର ସାହୁ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଡିଲେଶ୍ୱର ରଣା। ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ କୁନି କଳାକାର ଶ୍ରେୟାଶ୍ରୀ ପଟ୍ଟନାୟକ। ଏଥିରେ ଜିଲ୍ଲାର ୧୩ଗୋଟି ବ୍ଲକରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚିତ୍ରକଳା ଓ ଶିଳ୍ପକଳା, ଶାସ୍ତ୍ରୀୟ ସଙ୍ଗୀତ, ପାରମ୍ପରିକ ଲୋକ ସଙ୍ଗୀତ, ଯନ୍ତ୍ର ସଙ୍ଗୀତ, ଶାସ୍ତ୍ରୀୟ ଓ ଲୋକ ନୃତ୍ୟ, ଟୁଡି ଓ ଥ୍ରୀଡି ଭିଜୁଆଲ୍ ଆର୍ଟ, ସ୍ୱଦେଶୀ ଖେଳନା ଓ ଖେଳ, ଏକକ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସ୍ତରରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀମାନେ ରାଜ୍ୟ ସ୍ତରୀୟ ''ସୁରଭି'' ଓ କଳା ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଉଦଯାପନୀ ଉତ୍ସବରେ ଅତିଥି ଭାବେ ଧର୍ମଗଡ଼ ଉପଜିଲ୍ଲାପାଳ ବେଦଭୂଷଣ, ଡିଇଓ ସୁଶାନ୍ତ ଚୋପଦାର, ଏଡିଇଓ ଟେମଲାଲ ଦୁବେ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ନର୍ଲା ବିଇଓ ତପିମଣି ଜାନୀ, ଗୋଲାମୁଣ୍ଡା ବିଇଓ ନବକିଶୋର ସାହୁ, ପିଇଆଇ ମହେନ୍ଦ୍ର ପଣ୍ଡା, ଡିଏସ୍ଏସ୍ ଦୁଷ୍ମନ୍ତ ଶେଖର ପାଢ଼ୀ, ସମଗ୍ର ଶିକ୍ଷା ଜିଲ୍ଲା ପେଡାଗୋଜି ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସରିଆଁ ସିଆରସିସି ସୁଧୀର କୁମାର ଧଙ୍ଗଡ଼ାମାଝୀ, ବାପୁଜୀ ସିଆରସିସି ମିନତୀ କୁମାରୀ ପ୍ରଧାନ ଓ ଶିକ୍ଷକ ସଂଜୀବ କୁମାର ପାଢ଼ୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସୌମେନ୍ଦ୍ର ପଟ୍ଟନାୟକ, ପ୍ରଭାତ ସାହୁ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଟଙ୍କଧର ସାହୁ, ଜିତେନ୍ଦ୍ର ମୁଣ୍ଡ, ସିଆରସିସି ଅଜିତ କୁମାର ପଧାନ, ଅମିତ ଜାଲ, ଶିକ୍ଷକ ଆଲେକଜାଣ୍ଡାର୍ ଫିଲିପ୍, ହିମାଂଶୁ ଶେଖର ମେହେର, ବିରଞ୍ଚି ନାରାୟଣ ମୁଣ୍ଡ, ଜିତେନ୍ଦ୍ର କୁମାର ବିଶ୍ୱାଳ, ମନୋଜ କୁମାର ସାହୁ, ଯୁଗେଶ୍ୱର ମାଝୀ, ସମସ୍ତ ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada



# ମୋ ଓଡ଼ିଶା

## ଚନ୍ଦ୍ରଗ୍ରହଣ ଯୋଗୁ ଭୋର ୫ଟାରେ ହେବ ବୋଇତ ବନ୍ଦାଣ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ମିର୍ଜାପୁର ପଂଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମରେ 'ବନ୍ଦେ ଉତ୍କଳ ଜନନୀ' ଅନୁଷ୍ଠାନ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଏବଂ ସାଂସ୍କୃତିକ ମିଳନ ସଭା ଆସନ୍ତା ୮ ତାରିଖରେ ଅନୁଷ୍ଠିତ ହେବ। ତେବେ ଚଳିତ ଥର ଚନ୍ଦ୍ର ଗ୍ରହଣ ଯୋଗୁଁ ପ୍ରାତଃ ୫ଘଟିକା ସମୟରେ ବୋଇତ ବନ୍ଦାଣ କରାଯିବାକୁ ନିଷ୍ପତି ନିଆଯାଇଛି। ଅରଙ୍ଗାବାଦ ଗ୍ରାମସ୍ଥିତ ଶ୍ୟାମସୁନ୍ଦରଜୀଉଙ୍କର ପବିତ୍ର ପୁଷ୍କରିଣୀରେ ବୋଇତ ବନ୍ଦାଣ ଅନୁଷ୍ଠିତ ହେବା ସହିତ ମନ୍ଦିର ପ୍ରାଙ୍ଗଣରେ ସକାଳ ୮ଘଟିକା ସମୟରେ ସାଂସ୍କୃତିକ ମିଳନ ସଭା ହେବା ନେଇ ସମୟ ନିର୍ଦ୍ଧାରଣ କରାଯାଇଛି।

ଅନୁଷ୍ଠାନର ଉପଦେଷ୍ଟା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ଦୁଖବନ୍ଧୁ ନାଏକ ଅତିରିକ୍ତ ଜିଲ୍ଲାପାଳ ଯାଜପୁର ମୁଖ୍ୟଅତିଥି, ପ୍ରଦୋଷ ପଟ୍ଟନାୟକ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ମୁଖ୍ୟବକ୍ତା, ଓଡିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ହାସ୍ୟ ଅଭିନେତା ବ୍ରଜ ସିଂ ଏବଂ ସ୍ୱନାମଧନ୍ୟା ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ସୁଶ୍ରୀ ଦିବ୍ୟା ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେବା ପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିଥିବା ଜଣାପଡିଛି। ଉତ୍ସବରେ ବହୁସଂଖ୍ୟକ ଜନସାଧାରଣ ଯୋଗ ଦେବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

## କଂଗ୍ରେସର ଭାରତ ଯୋଡ ପଦଯାତ୍ରା ଧର୍ମଶାଳାରେ ପହଁଚିଲା



ଧର୍ମଶାଳା (ପିଏନ୍): ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଓଡିଶାରେ ଗତ ୩୧ ତରିଖ ଠାରୁ ଆରମ୍ଭ ହୋଇଥିବା ଭାରତ ଯୋଡ ପଦଯାତ୍ରା ଧର୍ମଶାଳା ନିର୍ବାଚନମଣ୍ଡଳିରେ ପହଁଚିଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆସିଥିବା ଏହି ପଦଯାତ୍ରା ଜାରକାସ୍ଥିତ ସିନେମାହଲ ନିକଟରେ ପହଁଚିବା ପରେ ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ସଭାପତି କିଶାନ ପଣ୍ଡାଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଏମାନଙ୍କୁ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡିଆ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଏଠାରେ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ସ୍ୱାଗତ ଜଣାଇଥିଲେ। ଏହି ପଦଯାତ୍ରା ଟିମ ଏଠାରେ ରାତ୍ରୀ ଯାପନ କରି ପରଦିନ କୋରେଇ ନିର୍ବାଚନ ମଣ୍ଡଳୀ ଅଭିମୁଖେ ବାହାରିବେ। ଏଠାରେ ରାତ୍ରୀ ରହଣି ଅବସରରେ ପିସିସି ସଭାପତିଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ବିଜେଡି ସରକାର ୨୨ ବର୍ଷ ଧରି ଶାସନରେ ରହିଆସିଥିବା ବେଳେ ରାଜ୍ୟରେ ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ନାରି ନିର୍ଯାତନା, ଚାଷୀ ଆତ୍ମହତ୍ୟା ଭଳି ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଦୀର୍ଘ ବର୍ଷ ହେଲା କଂଗ୍ରେସ ଶାସନରୁ ଦୂରେଇ ରହିଥିଲେ ମଧ୍ୟ ଏବେବି ଅନେକ କଂଗ୍ରେସ କର୍ମୀଙ୍କ ମନୋବଳ ଦୃଢ଼ ରହିଛି ବୋଲି ସେ କହିଥିଲେ। ଆସନ୍ତା ଜାନୁଆରୀ ମାସ ଶେଷ ସୁଦ୍ଧା ପଂଚାୟତ, ବ୍ଲକ ଓ ଜିଲ୍ଲାସ୍ତରୀୟ କଂଗ୍ରେସ କମିଟି ଗଠନ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନିରେ ଅନ୍ୟମାନଙ୍କ ମଧ୍ୟରେ ପିସିସିର ପୂର୍ବତନ ସଭାପତି ନିରଂଜନ ପଟ୍ଟନାୟକ, ପିସିସି ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ଏଆଇସିସିର ପୂର୍ବତନ ସାଧାରଣ ସମ୍ପାଦକ ରାମଚନ୍ଦ୍ର ଖୁଂଟିଆ, ଜିଲ୍ଲା କଂଗ୍ରେସ କମିଟି ସଭାପତି ମନୋଜ ରାଉତ, ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡା, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜାରକାସ୍ଥିତ ଧର୍ମଶାଳା ପ୍ରେସ କ୍ଲବ ପରିସରରେ ଥିବା ପ୍ରେସ କ୍ଲବର ଦିବଙ୍ଗତ ସଭାପତି ନରହରି ମହାନ୍ତିଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ଟୋଲଗେଟ୍ କର୍ମଚାରୀଙ୍କ ଆକ୍ରମଣରେ କାର୍‌ଚାଳକ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ଶ୍ରୀରାମପୁର ଟୋଲ୍‌ଗେଟ୍ କର୍ମଚାରୀଙ୍କ ଆକ୍ରମଣରେ ଜଣେ କାର୍‌ଚାଳକ ଆହତ ହୋଇଛନ୍ତି। ଆହତ ଚାଳକ ବଡ଼ଚଣା ଥାନା କୁନ୍ଦଲ ଗ୍ରାମର ଶଶୀଭୂଷଣ ବେହେରାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ପରେ ସେ ଏ ସଂପର୍କରେ ଥାନାରେ ଏତଲା ଦେଇଛନ୍ତି। ପ୍ରକାଶ ଯେ, ପୂର୍ବାହ୍ଣ ପ୍ରାୟ ୧୧ଟାରେ ଶ୍ରୀ ବେହେରା ହୁଣ୍ଡାଇ ଆଇ୨୦ କାର୍ (ଓଡ଼ି୦୪କ୍ୟୁ-୫୪୫୪) ଚଳାଇ ଚଣ୍ଡିଖୋଲ ଅଭିମୁଖେ ଯାଉଥିଲେ। ଟୋଲ୍ ପ୍ଲାଜା ଲେନ୍ ନଂ-୧ ଅତିକ୍ରମ କରୁଥିବା ବେଳେ ଆଗରେ କିଛି ଗାଡ଼ି ଅଟକିଥିଲା। ବାରିକେଟ୍ ଉଠିବାପରେ ମଧ୍ୟ ଗାଡ଼ି ଗଲାନାହିଁ। ଏ ସଂପର୍କରେ ପଚାରିବାରୁ ଟୋଲ୍ ପ୍ଲାଜାର କେତେକ କର୍ମଚାରୀ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେ ଏହାକୁ ବିରୋଧ କରିବାରୁ ସଂପୃକ୍ତ କର୍ମଚାରୀମାନେ ଶଶୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ଅଙ୍ଗୁଳିରେ ଆଘାତ ଲାଗିଥିଲା। ବିଭିନ୍ନ କାରଣ ପାଇଁ ଟୋଲ୍ କର୍ମଚାରୀମାନେ ଅନେକ ସମୟରେ ଗାଡ଼ିଚାଳକଙ୍କ ସହିତ କଳିଝଗଡ଼ା କରୁଛନ୍ତି। ସେମାନଙ୍କ ଦୌରାତ୍ମ୍ୟରେ ବାହାର ଅଞ୍ଚଳର ଚାଳକମାନେ ଏହି ରାସ୍ତାରେ ଯାତାୟାତ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ତେବେ ପୁଲିସ୍ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଘଟଣାର ସମାଧାନ କରି ଦେଇଥିବା ଜଣାପଡ଼ିଛି।

## ନାରୀ ହାତର ସୃଜନ କଳା ମୁରୁଜ






ବହୁ ବର୍ଷ ପୂର୍ବେ ଚିତ୍ରଲକ୍ଷଣ ନାମରେ ଜଣେ ରାଜା ଥିଲେ। ତାଙ୍କ ସମୟରେ ସେ ଥିଲେ ଜଣେ ପ୍ରସିଦ୍ଧ ଚିତ୍ରକର। ଏକଦା ରାଜା ଚିତ୍ରଲକ୍ଷଣଙ୍କ ଦରବାରର ମହାପଣ୍ଡିତଙ୍କର ପୁତ୍ରର ଅକାଳ ମୃତ୍ୟୁ ଘଟିବାରୁ ମହାପଣ୍ଡିତଙ୍କ ସମେତ ସାରା ରାଜ୍ୟବାସୀ ଏହି ଘଟଣାରେ ଦୁଃଖିତ ହୋଇପଡ଼ିଲେ। ପଣ୍ଡିତଙ୍କ ପୁତ୍ରକୁ ଜୀବନଦାନ ଦେବା ପାଇଁ ସମସ୍ତେ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ। ବ୍ରହ୍ମା ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ କହିଲେ ମୃତ ପଣ୍ଡିତ ପୁତ୍ରଙ୍କର ଚିତ୍ର ମୁରୁଜରେ ଆଙ୍କିଲେ ସେ ସେହି ଚିତ୍ରକୁ ଜୀବନଦାନ କରିବେ। ବ୍ରହ୍ମାଙ୍କ ଏପରି ନିର୍ଦ୍ଦେଶରେ ରାଜା ଚିତ୍ରଲକ୍ଷଣ ନିଜେ ମୁରୁଜରେ ପିଲାଟିର ଚିତ୍ର ଆଙ୍କିଲା ପରେ ବ୍ରହ୍ମା ସେହି ଚିତ୍ର ପ୍ରତିମାଟିକୁ ଜୀବନଦାନ ଦେଇଥିଲେ। ସେହି ଦିନଠାରୁ ମୁରୁଜକୁ ସାରା ରାଜ୍ୟବାସୀ ଶୁଭ ବୋଲି ମାନିଲେ ଏବଂ ପ୍ରତ୍ୟେକ ଦିନ ଘର ଅଗଣାରେ ମୁରୁଜରେ ଚିତ୍ର ଆଙ୍କିବାକୁ ଲାଗିଲେ। ବହୁବର୍ଷ ପୂର୍ବେ ଅଣ୍ଡଲ ନାମକ ଜଣେ ଯୁବତୀ ଥୀରୁମଲ ନାମକ ଦେବତାଙ୍କୁ ପୂଜା କରିବା ସହ ପ୍ରତିଦିନ ମୁରୁଜ ଆଙ୍କୁଥିଲା। ପୂଜା କରିବାର କିଛି ଦିନ ମଧ୍ୟରେ ତାର ବିବାହ ହୋଇଯାଇଥିଲା। ଅଣ୍ଡଲ ମାରଖାଜୀ ମାସ (୧୫ ଡିସେମ୍ବର ଠାରୁ ୧୫ ଜାନୁଆରୀ)ରେ ବିବାହ କରିଥିବାରୁ ଏହି ମାସରେ ଅବିବାହିତ ତାମିଲ ଝିଅମାନେ ସକାଳୁ ଉଠି ମୁରୁଜ ପକାଇ ଥୀରୁମଲଙ୍କୁ ପୂଜା କରିଥାନ୍ତି। ଏପରି କରିବା ଦ୍ୱାରା ଅବିବାହିତ ଝିଅମାନଙ୍କର ବିବାହ ଶୀଘ୍ର ହୋଇଯାଇଥାଏ ବୋଲି ବିଶ୍ୱାସ କରାଯାଏ।

ହିନ୍ଦୁ ପରମ୍ପରାର ପୂଜା ପଦ୍ଧତି ସହ ମୁରୁଜ ଅଙ୍ଗାଙ୍ଗି ଭାବେ ଜଡ଼ିତ। ଦେବାଦେବୀଙ୍କ ଆରାଧନା ଓ ଅନ୍ୟ ଶୁଭ କାର୍ଯ୍ୟ ଯଥା ଯଜ୍ଞ, ବିବାହ, ବ୍ରତଘର ଓ ପୂର୍ବ ପୁରୁଷଙ୍କ ପିଣ୍ଡଦେବା ସମୟରେ ମୁରୁଜ ବ୍ୟବହାର କରାଯାଇଥାଏ। ମିଳିଥିବା ପ୍ରମାଣ ଅନୁସାରେ ମହେଞ୍ଜୋଦାରୋ ଏବଂ ହରପ୍ପା ସଭ୍ୟତା ସମୟରେ ମୁରୁଜ ଅଙ୍କାଯାଉଥିଲା। ସେତେବେଳେ ମୁରୁଜକୁ 'ଆଲ୍ପନା' କୁହାଯାଉଥିଲା, ଯାହା ସଂସ୍କୃତ ଶବ୍ଦ 'ଓଲାନପିନ'ରୁ ଉଦ୍ଭୂତ, ଯାହାର ଅର୍ଥ ଚିତ୍ର ଆଙ୍କିବା। ମୁରୁଜର ବ୍ୟବହାର ସପ୍ତମରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ତନ୍ତ୍ରଶକ୍ତିର ଆଗମନ ସହିତ ହିନ୍ଦୁ ପୂଜା ପଦ୍ଧତିରେ ପ୍ରବେଶ ହୋଇଥିଲା ବୋଲି ଅନୁମାନ କରାଯାଏ। ମୁରୁଜରେ କୁଣ୍ଡଳୀ, ଚକ୍ର କ୍ଷେତ୍ର, ପଦ୍ମ କ୍ଷେତ୍ର, ଷଡ଼କ୍ଷେତ୍ର ଆଦି ଆକୃତିଗୁଡ଼ିକୁ ଅଙ୍କାଯାଇ ଉପାସ୍ୟ ବା ଇଷ୍ଟ ଦେବତାଙ୍କୁ ପୂଜା କରାଯାଉଥିଲା। ପୂର୍ବେ ହିନ୍ଦୁଧର୍ମରେ ପ୍ରକୃତି ପୂଜା କରାଯାଉଥିଲା। ଏହି ପ୍ରକୃତିକୁ ପ୍ରତିମା ରୂପ ଦେଇ ପୂଜା କଲାବେଳେ ତାଙ୍କର ଆସ୍ଥାନ ପାଇଁ ମୁରୁଜର ବ୍ୟବହାର କରାଗଲା। ୧୨ଶ ଓ ୧୩ଶ ଶତାବ୍ଦୀ ବେଳକୁ ମୁରୁଜ ସଂସ୍କୃତି ଶ୍ରୀମନ୍ଦିରରେ ପ୍ରବେଶ କଲା। ଶ୍ରୀମନ୍ଦିରର ରୋଷେଇ ଶାଳରେ ମୁରୁଜ ଆଙ୍କି ଅବଢ଼ା ହାଣ୍ଡି ରଖାଗଲା। ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ସହିତ ଲକ୍ଷ୍ମୀଙ୍କୁ ମୁରୁଜରେ ଚିତ୍ର ଆଙ୍କି ପୂଜା କରାଗଲା। ମୁରୁଜ ଗୁଣ୍ଡରଙ୍ଗ ହୋଇଥିବାରୁ ଏହା ଶୀଘ୍ର ନଷ୍ଟ ହୋଇଯାଉଥିଲା, ତେଣୁ ଝୋଟି ଚିତା ଆଙ୍କିବା ପ୍ରଥା ଆରମ୍ଭ ହେଲା। ଶ୍ରୀମନ୍ଦିରରେ ମୁରୁଜର ବ୍ୟବହାର ପରେ ଓଡ଼ିଆ ସଂସ୍କୃତିରେ ଏହାର ବହୁଳ ବ୍ୟବହାର କରାଗଲା। ମରାଠାମାନଙ୍କ ଆଗମନରେ ମୁରୁଜ ସହ ଅବିର ରଙ୍ଗ ବ୍ୟବହାର କରାଗଲା। ପରେ ଶୈବ ଓ ଶାକ୍ତ ଧର୍ମର ବହୁଳ ବ୍ୟବହାର ଘଟିବାରୁ ବୃନ୍ଦାବତୀଙ୍କ ସମ୍ମୁଖରେ ମୁରୁଜ ଆଙ୍କି ପୂଜା କରିବା ଆରମ୍ଭ ହେଲା। ପୌରାଣିକ କିମ୍ବଦନ୍ତୀ ଅନୁସାରେ ପତ୍ନୀ ବ୍ୟଭିଚାରୀ ହେଲେ ଯାଇ ତାଙ୍କ ମୃତ୍ୟୁ ହେବ ଅନ୍ୟଥା ସେ ଅମର ବୋଲି ଜଳନ୍ଧରଙ୍କୁ ବର ମିଳିଥିଲା। ବର ପାଇଥିବା ଜଳନ୍ଧରଙ୍କୁ ମାରିବା ପାଇଁ ଶ୍ରୀକୃଷ୍ଣ ଜଳନ୍ଧରଙ୍କ ବେଶରେ ଆସି ବୃନ୍ଦାବତୀଙ୍କ ସତୀତ୍ୱ ହରଣ କରିଥିଲେ। ସ୍ୱାମୀଙ୍କ ବ୍ୟତୀତ ଅନ୍ୟ ପୁରୁଷଙ୍କ ସହ ସମ୍ପର୍କ ରକ୍ଷା କରିଥିବାରୁ ବୃନ୍ଦାବତୀଙ୍କ ସତୀତ୍ୱ ଉପରେ ପ୍ରଶ୍ନ ହେବାରୁ ତାଙ୍କୁ ପଞ୍ଚବନୀ ରସ ବା ଅମୃତ ରସରେ ପବିତ୍ର କରାଯାଇଥିଲା। ଏହି ପଞ୍ଚବନୀ ଶବ୍ଦରୁ ପଞ୍ଚକ ଜାତ। କାର୍ତ୍ତିକ ମାସର ଶେଷ ପାଞ୍ଚଦିନକୁ ପଞ୍ଚକ ଭାବେ ପାଳନ କରାଯାଏ। ଏହି ସମୟରେ ବୃନ୍ଦାବତୀଙ୍କ ସମ୍ମୁଖରେ ମୁରୁଜ ଅଙ୍କାଯାଇ ପୂଜା କରାଯାଏ। ଅରୁଆ ଚାଉଳ ଗୁଣ୍ଡକୁ ମୁରୁଜ ଭାବେ ବ୍ୟବହାର କରାଯାଏ। ଅଧିକ ଆକର୍ଷଣୀୟ କରିବା ପାଇଁ ମୁରୁଜରେ ବିଭିନ୍ନ ରଙ୍ଗ ମିଶାଯାଇଥାଏ। ପୂର୍ବେ ଗଛର ପତ୍ର, ଫୁଲ ପାଖୁଡ଼ା ଆଦିକୁ ଗୁଣ୍ଡ କରି ବିଭିନ୍ନ ରଙ୍ଗ ପ୍ରସ୍ତୁତ କରାଯାଉଥିଲା। ଧଳା ରଙ୍ଗ ପାଇଁ ଚାଉଳ ଗୁଣ୍ଡ, ହଳଦୀଗୁଣ୍ଡ ସହ ଚୁନପଥର ଗୁଣ୍ଡର ମିଶ୍ରଣ, ମାଟିଆ ରଙ୍ଗ ପାଇଁ ଗଛର ଶୁଖିଲା ବକଳ ଓ କଳା ରଙ୍ଗ ପାଇଁ ନଡ଼ିଆ ଶଢ଼େଇ, ଘଷି କିମ୍ବା କାଠ ଅଙ୍ଗାରରୁ ପ୍ରସ୍ତୁତ ଅଙ୍ଗାର ବ୍ୟବହାର କରାଯାଉଥିଲା। ଏବେ ଅରୁଆ ଚାଉଳ ଗୁଣ୍ଡ ଛଡ଼ା ଏକପ୍ରକାର ପଥରର ଗୁଣ୍ଡକୁ ବ୍ୟବହାର କରାଯାଉଛି ଓ ବିଭିନ୍ନ ରଙ୍ଗର ଅବିର ମିଶାଇ ରଙ୍ଗୀନ ମୁରୁଜ ପ୍ରସ୍ତୁତ କରାଯାଉଛି। ମୁରୁଜ ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ ରଙ୍ଗ ମଧ୍ୟରେ ହଳଦୀ, ନାଲି, କଳା, ଧଳା ଓ ସବୁଜ ରଙ୍ଗକୁ ପଞ୍ଚରଙ୍ଗ କୁହାଯାଏ। ବିଭିନ୍ନ ଦେବ ଦେବୀଙ୍କ ପାଇଁ ଭିନ୍ନ ଭିନ୍ନ ରଙ୍ଗର ମୁରୁଜ ବ୍ୟବହାର କରାଯାଏ। ଜଗନ୍ନାଥଙ୍କ ପାଇଁ ହଳଦିଆ, ବଳଭଦ୍ରଙ୍କ ପାଇଁ ସବୁଜ, ସୁଭଦ୍ରାଙ୍କ ପାଇଁ ହଳଦିଆ, ଶିବଙ୍କ ପାଇଁ କଳା ଓ ଧଳା, ସୂର୍ଯ୍ୟ, ଗଣେଶ ଓ ସୁଦର୍ଶନଙ୍କ ପାଇଁ ନାଲି ରଙ୍ଗ ବ୍ୟବହାର କରାଯାଏ।

**ଡଃ. ଅରୁନ୍ଧତୀ ଦେବୀ, ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦**

## କାର୍ତ୍ତିକ ମାସର ଶେଷ ଶନିବାର, ନବଗ୍ରହପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



କୋଣାର୍କ (ପିଏନ୍): ନଭେମ୍ବର ମାସ ୫ତାରିଖ ଥିଲା ପବିତ୍ର କାର୍ତ୍ତିକ ମାସର ଶେଷ ଶନିବାର ବା ପଞ୍ଚୁକର ଦ୍ୱିତୀୟ ଦିବସ। ବିଶ୍ୱ ଐତିହ୍ୟ କେଣାର୍କ ସୂର୍ଯ୍ୟମନ୍ଦିର ବେଢ଼ା ସଂଲଗ୍ନରେ ଥିବା ନବଗ୍ରହ ମନ୍ଦିର ପରିସରରେ ଦିନତମାମ ଲକ୍ଷାଧିକ ଶ୍ରଦ୍ଧାଳୁ ନବଗ୍ରହଙ୍କୁ ଦର୍ଶନ କରିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମାନସିକଧାରୀ ଶ୍ରଦ୍ଧାଳୁମାନେ ଗ୍ରହପୀଡ଼ାରୁ ମୁକ୍ତି ପାଇଁ ପ୍ରତ୍ୟୁଷରୁ ପରମ୍ପରାନୁଯାୟୀ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଓ ମହୋଦଧୀର ସଙ୍ଗମସ୍ଥଳିରେ ସ୍ନାନଶୌଚ ହୋଇ ସଂକଳ୍ପ କରିବା ସହିତ ସୂର୍ଯ୍ୟୋଦୟ ଦର୍ଶନ କରିଥିଲେ। ପରେ ପରେ କୋଣାର୍କ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରି ସୂର୍ଯ୍ୟମନ୍ଦିର ପରିକ୍ରମା କରିବା ସହିତ ନବଗ୍ରହଙ୍କୁ ପୂଜାର୍ଚ୍ଚନା ଓ ଗ୍ରହଶାନ୍ତି ନିମନ୍ତେ ହୋମଯଜ୍ଞ କରିଥିଲେ। ବିଶେଷ କରି ଧର୍ମୀୟ ମାସ ବା ପବିତ୍ର କାର୍ତ୍ତିକ



ମାସର ଶନିବାରମାନଙ୍କରେ ନବଗ୍ରହଙ୍କୁ ଦର୍ଶନ କଲେ ଗ୍ରହପୀଡ଼ାରୁ ମୁକ୍ତି ମିଳିଥାଏ ବୋଲି ଶ୍ରଦ୍ଧାଳୁମାନଙ୍କର ବିଶ୍ୱାସ ରହିଛି। ଗ୍ରହପୀଡା ଓ ରୋଗରୁ ମୁକ୍ତିପାଇଁ ଶ୍ରଦ୍ଧାଳୁମାନେ ମାନସିକବିକାରଗ୍ରସ୍ତ, ଶାରୀରିକ ଅକ୍ଷମ ଓ ଦୁରାରୋଗ୍ୟ ବ୍ୟାଧିରେ ପୀଡିତ ପିଲାମାନଙ୍କୁ ନବଗ୍ରହଙ୍କ ପୀଠର ପଶ୍ଚିମ ଦ୍ୱାର ସମ୍ମୁଖରେ ବାଲିରେ ଗାତଖୋଳି ପୋତି ନବଗ୍ରହଙ୍କୁ ପ୍ରାର୍ଥନା କରିବା ସହ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରୁଥିବା ଦେଖିବାକୁ ମିଳିଥିଲା। ନବଗ୍ରହଙ୍କ ପୀଠ ପରିସରରେ ୯ଟି ଶନିବାର ମାନସିକବିକାରଗ୍ରସ୍ତ, ଶାରୀରିକ ଅକ୍ଷମ ଓ ଦୁରାରୋଗ୍ୟରେ ପିଡ଼ିତ ଥିବା ପିଲାମାନଙ୍କୁ ଯଦି ଗାତ ଖୋଳି ପୋତାଯାଏ ତେବେ ସେମାନଙ୍କର ଏହି ଦୁରାରୋଗ୍ୟ ରୋଗରୁ ନିଶ୍ଚିତ ମୁକ୍ତି ମିଳିଥାଏ ବୋଲି ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି। ନବଗ୍ରହଙ୍କୁ ଦର୍ଶନ କରିବା ନିମନ୍ତେ ସଂକୁଚିତ ଗର୍ଭଗୃହ ଭିତରକୁ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଏକକାଳୀନ ପ୍ରବେଶ ସମସ୍ୟା ସୃଷ୍ଟି କରିଥିଲେ ମଧ୍ୟ ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ନବଗ୍ରହଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ମନ୍ଦିର ସମ୍ମୁଖରେ ବିଭିନ୍ନ ଘରକରଣା ସାମଗ୍ରୀର ଦୋକାନମାନ ଖୋଲିଥିଲା। ଗାଁଗହଳିରୁ ଆସିଥିବା ଶ୍ରଦ୍ଧାଳୁ ମହିଳା ଭକ୍ତମାନେ ନବଗ୍ରହଙ୍କ ଦର୍ଶନ ପରେ ବିଭିନ୍ନ ସାମଗ୍ରୀମାନ



କିଣୁଥିବା ଦେଖିବାକୁ ମିଳିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା।

## ଚକ୍ରଧରପୁର ସମିତିସଭ୍ୟ ଉପ-ନିର୍ବାଚନରେ ସୌମ୍ୟରଂଜନ ସାହୁ ବିଜୟୀ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଚକ୍ରଧରପୁର ପଂଚାୟତ ସମିତିସଭ୍ୟ ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ହୋଇଥିବା ବେଳେ ବ୍ଲକ ପରିସରରେ ଭୋଟ ଗଣତି କରାଯାଇ ସୌମ୍ୟରଂଜନ ସାହୁଙ୍କୁ ବିଜୟୀ ଘୋଷଣା କରାଯାଇଛି। ସୌମ୍ୟରଂଜନ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଭୁତିଭୁଷଣ ଜେନାମଣିଙ୍କୁ ୩୩୦ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ କୁମାରୀ ଓ ଚକ୍ରଧରପୁରପୁର ପଂଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ଚକ୍ରଧରପୁର ପଂଚାୟତର ସମିତିସଭ୍ୟ ପଦରୁ ଇସ୍ତଫା ଦେବା ପରେ ଏହି ପଦଟି ଖାଲିପଡିଥିବାରୁ ଏହି ଉପନିର୍ବାଚନ ହୋଇଥିଲା। ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସୌମ୍ୟରଂଜନ ୯୮୧ଖଣ୍ଡ ଭୋଟ ପାଇଥିବା ବେଳେ ବିଭୁତି ଭୂଷଣ ଜେନାମଣୀ ୬୫୧, ଗୋପବନ୍ଧୁ ସିଂ ୨୯୧ ଓ କିଷାନ ପୁର୍ତୀ ୧୧୭ ଖଣ୍ଡ ଭୋଟ ପାଇଥିବା ବେଳେ ୮୦ ଖଣ୍ଡ ଭୋଟ ନାକଚ ହୋଇଥିବା ନିର୍ବାଚନ ଅଧିକାରୀ ତଥା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## କୋରାପୁଟ କେସିସି ବ୍ୟାଙ୍କ ସଭାପତି ପଦବୀ ଆଶାୟୀ ଦୌଡ଼ରେ ଆଦିବାସୀ ନେତା ଗୋପୀ ପାଙ୍ଗି

ମାଲକାନଗିରି, (ପି.ଏନ): ଆସନ୍ତା ୯ ତାରିଖରେ ହେବାକୁ ଥିବା କୋରାପୁଟ କେସିସି ବ୍ୟାଙ୍କ ସଭାପତି ପଦବୀର ନାମାଙ୍କନ ଦାଖଲର ଶେଷଦିନ । ଦିନ ଯେତିକି ପାଖେଇ ଆସୁଛି ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବର୍ତମାନ ସୁଦ୍ଧା ଆଶାୟୀଙ୍କ ମଧ୍ୟରେ କୋରାପୁଟ ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ପୂର୍ବତନ କେସିସି ସଭାପତି ଡ଼ଃ. ଇନ୍ଦିରା ନନ୍ଦ, ରମାକାନ୍ତ ରାଉଳଙ୍କ ନାମ ଚର୍ଚ୍ଚା ଧରୁଥିବା ବେଳେ ଏବେ ଜଣେ ଆଦିବାସୀ ବିଜେଡି ନେତା, ଚାଷୀ ସୁରକ୍ଷାର ଯୁବ ନେତା ଗୋପୀ ପାଙ୍ଗି ମଧ୍ୟ ଆଶାୟୀ ରହିଛନ୍ତି । ଅବିଭକ୍ତ କୋରାପୁଟ ଜିଲାରେ ସବୁଠାରୁ ଅଧିକ ଆଦିବାସୀ ଚାଷୀ ରହିଛନ୍ତି । ପୂର୍ବରୁ ଆଦିବାସୀ ଚାଷୀଙ୍କୁ ଅଣଦେଖା କରାଯାଇଛି, ତେଣୁ ଆଦିବାସୀ ନେତାଙ୍କୁ ସଭାପତି ପଦବୀ ଦେବାକୁ ବିଭିନ୍ନ ଆଦିବାସୀ ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଜଣାପଡ଼ିଛି । ୧୫ ଟି ନିର୍ଦ୍ଦେଶକ ଆସନରୁ ୧୪ଟି ବିଜେଡିର ଥିବା ବେଳେ ପ୍ରତ୍ୟକ ଜିଲାର ବିଧାୟକ ଓ ନେତାଙ୍କ ସହଯୋଗ ଓ ସମର୍ଥନରେ ଜିତିଛନ୍ତି । ତେଣୁ ସମସ୍ତଙ୍କ ନଜର ହାଇକମାଣ୍ଡଙ୍କ ଉପରେ ରହିଛି । ବର୍ତମାନ ଆଶାୟୀମାନେ ନିଜ ନିଜର ସମର୍ଥକଙ୍କ ସହ ଭୁବନେଶ୍ୱରରେ ଡେରା ପକାଇଥିବା ଦେଖିବାକୁ ମିଳିଛି । ଏ ସମସ୍ତ ଅଶାୟୀଙ୍କ ଭିତରୁ ଗୋପୀ ପାଙ୍ଗିଙ୍କୁ ଛାଡି ସମସ୍ତେ ରାଜ୍ୟ ସରକାରଙ୍କ ଭଲ ପଦପଦବୀରେ ରହିଛନ୍ତି । ତାଙ୍କ କାର୍ଯ୍ୟଦକ୍ଷତା ସମସ୍ତେ ଜାଣିଛନ୍ତି । ସବୁବେଳେ ସେମାନଙ୍କୁ ରାଜ୍ୟ ସରକାର ତଥା ହାଇକମାଣ୍ଡ ଅନୁକମ୍ପା ଦେଖାଉଥିବା ବେଳେ ଏଥର ଜଣେ ଆଦିବାସୀଙ୍କୁ ଅନୁକମ୍ପା ଦିଅନ୍ତୁ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି । ୯ ତାରିଖ ପୂର୍ବରୁ ସଭାପତି ନାମ ଘୋଷଣା କରାଯିବ । ତେଣୁ ବିଜୁ ଜନତା ଦଳର ବର୍ତମାନ ଏହି ଆଶାୟୀ ନେତାଙ୍କୁ ନେଇ ସର୍ଭେ ଚାଲିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି ।

## ବଙ୍ଗୋମୁଣ୍ଡାର ପ୍ରସିଦ୍ଧ ୩୬ତମ ଧନୁଯାତ୍ରା ମହୋତ୍ସବ ଉଦଘାଟିତ

ବଙ୍ଗୋମୁଣ୍ଡା, (ପି.ଏନ):- ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡାର ପ୍ରସିଦ୍ଧ ୩୬ତମ ଧନୁଯାତ୍ରା ମହୋତ୍ସବ ଗତକାଲି ସଂନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ଏହି ମହୋତ୍ସବ ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବ । କରୋନା ମହାମାରୀ ଯୋଗୁଁ ଗତ ୨ ବର୍ଷ ହେବ ଯାତ୍ରା ବନ୍ଦ ଥିଲା । ତେଣୁ ଚଳିତ ବର୍ଷ ଧୁମ୍ଧାମ୍ରେ ଏହା ଆୟୋଜିତ ହେଉଛି । ବଙ୍ଗୋମୁଣ୍ଡା ପାଲଟିଛି ମଥୁରା ନଗରୀ । ହସ୍ତୀ ପିଠିରେ ଉଗ୍ରସେନ ମହାରାଜ ବସି ମୁକ୍ତାକାଶ ରଙ୍ଗମଂଚକୁ ପାତ୍ରମନ୍ତ୍ରୀ ସହ ପହଂଚିଥିଲେ । ପୌରାଣିକ ନାଟ୍ୟବସ୍ତୁ ଆଧାରିତ ଧନୁଯାତ୍ରା ଉଦଘାଟିତ ହୋଇଥିଲା । କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଦେବକୀ ବସୁଦେବ ବିବାହ, ଶୂନ୍ୟବାଣୀ, ମହାରାଜ ଉଗ୍ରସେନଙ୍କ ଗାଦିଚ୍ୟୁତ, ଦେବକୀ ବସୁଦେବ କାରାଗାରରେ ବନ୍ଦୀ, କଂସଙ୍କ ରାଜ୍ୟାଭିଷେକ, ଦେବକୀଙ୍କ ଷଡଯନ୍ତ୍ର ନିଧନ ନାଟ୍ୟାଭିନୟ ହୋଇଥିଲା । ଉଦ୍ଘାଟନୀ ଉତ୍ସବର ରାଜକୀୟ ଅତିଥି ବଙ୍ଗୋମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିପୁନାଥ ସୁନା, ବଙ୍ଗୋମୁଣ୍ଡା ୨୦ ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟ ଓମ୍ କୁମାର, ବଙ୍ଗୋମୁଣ୍ଡା ସରପଂଚ ଅଜିତ କୁମାର ଯୋଶୀ, ବ୍ରହ୍ମପୁର ସ୍ଥିତ ସ୍ୱଶକ୍ତି ଜାଗରଣ ସେବା ସଂସ୍ଥାର ପ୍ରତିଷ୍ଠାତା ପୂଜ୍ୟ ଗୁରୁଦେବ ଟି.କ୍ରିଷ୍ଣା ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଂପ୍ରତି ସମାଜରେ ନିଜ ସ୍ୱାର୍ଥରେ ପଥଭ୍ରଷ୍ଟ ଯୁବସମାଜ ତଥା ସମାଜରେ କୁପଥଗାମୀ ବ୍ୟକ୍ତି ଏହି ଧନୁଯାତ୍ରାରୁ ନିଶ୍ଚୟ ଶିକ୍ଷା ଗ୍ରହଣ କରିପାରିବେ । ଏହି ଧନୁଯାତ୍ରା ଏକ ସାଂସ୍କୃତିକ ଆନ୍ଦୋଳନ, ସଂସ୍କୃତି ଓ କଳାର ଏକ ମଂଚ ସହିତ ସାଂସ୍କୃତିକ ଅଭିବୃଦ୍ଧି ଆଗାମୀ ଦିନରେ ଅଂଚଳ ପାଇଁ ଏକ ଶୁଭଙ୍କର ହେବ ବୋଲି ଅତିଥି ଗଣ ମତବ୍ୟକ୍ତ କରିବା ସହ ଏହି ଧନୁଯାତ୍ରା ମହୋତ୍ସବ ଆଗାମୀ ପିଢିକୁ ଏକ ନୂତନ ଦିଗଦର୍ଶନ ଦେଉ, ଅଂଚଳରେ ହଜାର ହଜାର ସଂଖ୍ୟାରେ ବେଆଇନ ଭାବେ ବାହାର ରାଜ୍ୟକୁ ଦାଦନ ଚାଲାଣ ହେଉଛି, କିପରି ଭାବେ ରୋକାଯାଇ ପାରିବ ସେ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ, ଅଂଚଳର ଶିଳ୍ପଟିଏ ନ ଥିବାରୁ ଯୁବକମାନେ ରୋଜଗାର କରିବାରେ ବିଫଳ ହେଉଥିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିକାଶ ରଞ୍ଜନ ପନିକା ଉଦଘୋଷକ ଭାବେ ଦାୟିତ୍ୱ ନେଇଥିଲେ । ଅତିଥିମାନଙ୍କ ମନୋରଞ୍ଜନ ପାଇଁ ନୃତ୍ୟ ସାଧନା ଡ୍ୟାନସ୍ ଏକାଡେମୀ ଭୁବନେଶ୍ୱର, ମହାକାଲ ଡ୍ୟାନସ୍ ଗ୍ରୁପ ବଙ୍ଗୋମୁଣ୍ଡା, ସତନାମ ଡ୍ୟାନସ୍ ଗ୍ରୁପ ବଙ୍ଗୋମୁଣ୍ଡା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଧନୁଯାତ୍ରା ମହୋତ୍ସବ ଅବସରରେ ଲୋକଶକ୍ତି ଅନୁଷ୍ଠାନ ପକ୍ଷରୁ ପୁଷ୍ଟିକର ଖାଦ୍ୟ ମେଳା ମଧ୍ୟ ଉଦ୍ଘାଟିତ ହୋଇଛି । ମାଣ୍ଡିଆ, ଗୁର୍ଜି ଆଦି ଖାଦ୍ୟ ଶସ୍ୟରେ ପ୍ରସ୍ତୁତ ସାମଗ୍ରୀ ବିତରଣ ସହ ବିକ୍ରି କରାଯାଇଛି । ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇଥିଲେ । ଏହା ଆସନ୍ତା ନଭେମ୍ବର ୮ ତାରିଖ ଦିନ ଉଦ୍ଯାପିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ସ୍ୱାମୀ ବିବେକାନନ୍ଦ ଲୋକସଂସଦ ମାଲକାନଗିରି ଜିଲ୍ଲା ଶାଖାର ପଂଚଦଶ ତମ ଇ -ପାଠଚକ୍ର

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ବିଚାରଧାରା ଆନୁକୂଲ୍ୟରେଆଜି ପଂଚଦଶତମ ଇ-ପାଠଚକ୍ର : ଦୁର୍ନୀତି ଆଜିର ଏକ ମୁଖ୍ୟ ସମସ୍ୟା :ପ୍ରସଙ୍ଗ ଉପରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଡ଼ଃ. ବିଜୟ କୁମାର ମିଶ୍ର ପ୍ରାକ୍ତନ ରାଜନୀତି ବିଜ୍ଞାନ ଅଧାପକ ନବରଙ୍ଗପୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁର୍ନୀତିର ସଂଜ୍ଞା ମନୁ ସଂହିତା ଓ ଅର୍ଥଶାସ୍ତ୍ରର ରଚୟିତା କୌଟିଲ୍ୟଙ୍କ ମତକୁ ଉଦ୍ଧାର କରି ଏହାର ଅତୀତ, ବର୍ତମାନ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ । ଭାରତବର୍ଷରୁ ଦୁର୍ନୀତିର ମୂଳପ୍ତାଟନ ନିମନ୍ତେ କେଉଁ କେଉଁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ତାହା ଉପରେ ଆଲୋଚନା କରିଥିଲେ । ବିବେକାନନ୍ଦ ଲୋକସଂସଦ, ମାଲକାନଗିରି ଜିଲ୍ଲା ଶାଖାର ଆଜୀବନ ସଦସ୍ୟ ତଥା ସଭାପତି ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ଏହି ଆଭାସୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ମାଲକାନଗିରି ମଡେଲ ଡିଗ୍ରୀ କଲେଜର ଓଡ଼ିଆ ଅଧାପିକା ତଥା ସଂସଦର ଆଜୀବନ ସଦସ୍ୟା ଡ଼ଃ. ହେନେରିତା ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଚାଲାଣଗୁଡା କସ୍ତୁର୍ବା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆଭାରାଣୀ ବିଶ୍ୱାଳ ପ୍ରାରମ୍ଭିକ ମନ୍ତ୍ର ପାଠ କରିଥିବା ବେଳେ ଆଜୀବନ ସଦସ୍ୟା ପ୍ରତିମା ନାୟକ ବିବେକବାଣୀ ପାଠ କରିଥିଲେ । ପରିଶେଷରେ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ତଥା ଆଜୀବନ ସଦସ୍ୟା ଅଙ୍ଗୁରବାଳା ସ୍ୱାଇଁ ଶାନ୍ତିପାଠ ଓ ସଂସଦର ସମ୍ପାଦକ ପ୍ରମୋଦ କୁମାର ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଆଭାସୀ କାର୍ଯ୍ୟକ୍ରମରେ ଜିଲ୍ଲା ଓ ସମଗ୍ର ରାଜ୍ୟର ବହୁ ସଂଖ୍ୟାରେ ଶ୍ରୋତା ମଣ୍ଡଳୀ ଯୋଗଦାନ କରିଥିଲେ । ସଂସଦର ରାଜ୍ୟ ଉପସଭାପତି ପ୍ରଫେସର ପ୍ରଳୟ କୁମାର ନନ୍ଦ ଓ ରାଜ୍ୟ ଯୁଗ୍ମ ସମ୍ପାଦକ ସୀମାଚଂଳ ମିଶ୍ର ପ୍ରମୁଖ ଯୋଗଦେଇ ଆଗାମୀ ୧୩.୧୧.୨୨ ରିଖରେ ଏହି ସଂଗଠନ ଦ୍ୱାରା ଶିଶୁ ଦିବସ ଉପଲକ୍ଷେ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ହେବାକୁ ଥିବା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ସମ୍ପର୍କିତ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ ।

## ମାଉସୀମା ପୀଠରେ ପଂଚକ ମହୋତ୍ସବ ଉଦଘାଟିତ

ପୁରୀ, (ପି.ଏନ): ଧର୍ମମାସ କାର୍ତିକ । କାର୍ତିକ ମାସର ଶେଷ ପାଂଚ ଦିନ ପଂଚକ ବ୍ରତ ପାଳନ ବିଧି ରହିଛି । ଅନାଦି କାଳରୁ ଶ୍ରୀକ୍ଷେତ୍ରରେ କାର୍ତିକ ବ୍ରତ ପାଳନର ମାହାତ୍ମ୍ୟ ରହିଛି । ଧର୍ମମାସର ଏହି ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଆରମ୍ଭ ହୋଇଛି ପଂଚକ ମହୋତ୍ସବ । ଏହି ଅବସରରେ ବଡ଼ଦାଣ୍ଡ ବଳଗଣ୍ଡି ସ୍ଥିତ ମାଉସୀମା ମନ୍ଦିର ସମ୍ମୁଖରେ ପବ୍ଲିକ ଫୋରମ ପକ୍ଷରୁ ୭ମ ପଂଚକ ମହୋତ୍ସବ ଗତକାଲି ଉଦଘାଟିତ ହୋଇଛି । ମୁଖ୍ୟ ଅତିଥି ସାଂସଦ ସୁଲତା ଦେଓ, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଜେଡ଼ି ଯୁବରାଜ୍ୟ ଉପସଭାପତି ଶୁଭାଶିଷ ଖୁଂଟିଆ କାର୍ଯ୍ୟକ୍ରମ ଉଦଘାଟନ କରି କହିଲେ, ଧର୍ମମାସ କାର୍ତିକରେ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବ । ସମ୍ମାନିତ ଅତିଥି ଭାବେ ସମାଜସେବୀ ଚକ୍ରଧର ମହାପାତ୍ର, ବ୍ୟଙ୍ଗକବି ବଦ୍ରି ମିଶ୍ର, ମହୋତ୍ସବ ପରିଚାଳନା କମିଟିର ଅଧ୍ୟକ୍ଷ ଜଗନ୍ନାଥ ଦାସ ମହାପାତ୍ର, ଉପଦେଷ୍ଟା ତଥା ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ଭଗବାନ ମିଶ୍ର ଯୋଗ ଦେଇଥିଲେ । ପବ୍ଲିକ ଫୋରମର ସଭାପତି ଆର୍ତତ୍ରାଣ ତ୍ରିପାଠୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ମହୋତ୍ସବ କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ଭୀମସେନ ପ୍ରଧାନ, ସାଧାରଣ ସମ୍ପାଦକ ବିଶ୍ୱନାଥ ମିଶ୍ର, ସଂଯୋଜକ ତଥା ସାମ୍ବାଦିକ ସତ୍ୟ ଦାଶ, ସଂଗଠନ ସମ୍ପାଦକ ଜ୍ୟୋତିପ୍ରକାଶ ଜେନା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ରାଧାମୋହନ ସଂକୀର୍ତନ ଦଳ ପକ୍ଷରୁ ସଂକୀର୍ତନ ପରିବେଷଣ କରାଯାଇଥିଲା । ପ୍ରବକ୍ତା ପଣ୍ଡିତ ଲଳିତ ମୋହନ ମହାପାତ୍ର ହରିକଥା ପ୍ରବଚନ ଶ୍ରୋତାମାନଙ୍କୁ ଶୁଣାଇଥିଲେ । ପ୍ରାରମ୍ଭରୁ ଅନୁଷ୍ଠାନର ଉପଦେଷ୍ଟା ରାଧେ ରାଧେ ଶ୍ରୀରାଧେ କହି ମଂଚରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ । ଶେଷରେ ଲିଙ୍ଗରାଜ କଳାନିକେତନ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା । ରଘୁନାଥ ମହାନ୍ତି, ବିପିନ ବିହାରୀ ପଟ୍ଟନାୟକ, ବିଜୟକୃଷ୍ଣ ଦାସ, ବୃନ୍ଦନାଥ ଷଣ୍ଡ, ସୂର୍ଯ୍ୟନାରାୟଣ ଦାଶ,ପ୍ରଦୀପ୍ତ ଦାସ,ସର୍ବେଶ୍ୱର ଭଟ୍ଟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ କାର୍ତିକ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

## ଘର ଛାତରୁ ଖସିଲା କଂକ୍ରିଟ : ମା ଝିଅ ଗୁରୁତର

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ସହର ରୁଗିଡିପଡା ମୁନସିପାଲିଟିରେ ଘଟିଛି ଅଘଟଣ । ଘର ଛାତରୁ କଂକ୍ରିଟ ଖସି ମା, ଝିଅ ଗୁରୁତର ହୋଇଛନ୍ତି । ମୁନସିପାଲିଟି କଲୋନୀର ପୁରୁଣା କୋଠାରେ ପୌରସଂସ୍ଥାର ଅବସରପ୍ରାପ୍ତ କର୍ମଚାରୀ ଗାୟତ୍ରୀ କୁମ୍ଭାର (୭୫ ବର୍ଷ) ରୁହନ୍ତି । ଗତ ରାତିରେ ତାଙ୍କ ଝିଅ ଆରତୀ କଲେତ ମଧ୍ୟ ତାଙ୍କ ଘରକୁ ଆସିଥିଲେ । ମା ଝିଅ ବସି କଥାବାର୍ତା ହେଉଥିବା ସମୟରେ ହଠାତ ଘରର ଛାତରୁ କଂକ୍ରିଟ ଖସି ସେମାନଙ୍କ ମୁଣ୍ଡ ଉପରେ ପଡିଥିଲା । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଦୁଇଜଣଙ୍କୁ ଉଦ୍ଧାର କରି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତି କରିଥିଲେ । ୭୫ ବର୍ଷୀୟ ଗାୟତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ରେଫର କରିଛନ୍ତି ଡାକ୍ତର । ସେପଟେ ୪୨ ବର୍ଷୀୟା ଆରତୀଙ୍କୁ ବଲାଙ୍ଗିର ହସପିଟାଲରେ ଚିକିତ୍ସା କରାଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୧୦ ରୁ ୧୫ ବର୍ଷ ହେଲା ଘର ଗୁଡିକ ବିପଦସଙ୍କୁଳ ଘୋଷଣା ହୋଇଥିଲେ ମଧ୍ୟ ଏଠାରେ ଅବସର ପରେ ମଧ୍ୟ ୪୦ରୁ ଅଧିକ କର୍ମଚାରୀ ରହୁଛନ୍ତି, ତା ବାହାରେ ସାଧାରଣ ଲୋକ ମଧ୍ୟ ଜୋର୍ ଜବରଦସ୍ତ ଘର ଗୁଡିକରେ ରହି ଆସିଛନ୍ତି । ସେମାନଙ୍କୁ କୌଣସି ପ୍ରକାରର ଘର ଖାଲି ପାଇଁ ମୁନିସିପାଲଟି ପଦକ୍ଷେପ ନେଇ ନାହାନ୍ତି ।

## ପୂର୍ବତନ ସୁବେଦାର ରାଧେଶ୍ୟାମ ବଗର୍ତୀଙ୍କ ପରଲୋକ

ବଲାଙ୍ଗିର, (ପି.ଏନ):- ବଲାଙ୍ଗିର ଟିକ୍ରାପଡା ନିବାସୀ ତଥା ଭାରତୀୟ ସେନାର ପୂର୍ବତନ ସୈନିକ ସୁବେଦାର ରାଧେଶ୍ୟାମ ବଗର୍ତି (୮୩)ଙ୍କ ଗତକାଲି ପରଲୋକ ହୋଇଯାଇଛି । ଦୀର୍ଘଦିନ ଧରି ଭାରତୀୟ ସେନାରେ ସେବା କଲା ପରେ ତାଙ୍କ ପରିବାର ସହିତ ରହୁଥିଲେ । ଦୀର୍ଘ ଦିନରୁ ସେ ସ୍ୱାସ୍ଥ୍ୟଜନିତ ସମସ୍ୟା କାରଣରୁ ଶଯ୍ୟାଶାୟୀ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇବା ମାତ୍ରେ ପୂର୍ବତନ ସୈନିକ ସଂଘର ସଂପାଦକ ତଥା ସଦସ୍ୟମାନେ ତାଙ୍କ ବାସ ଭବନକୁ ଯାଇ ତାଙ୍କ ଶରୀରରେ ତ୍ରିରଙ୍ଗା ପତାକା ଏବଂ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ ଚିତ୍ରରେଖା, ପୁଅ ଜୟନ୍ତ, ଜିତେନ୍ଦ୍ର ଝିଅ ଜ୍ୟୋତ୍ସ୍ନା, ଭାଇ ହରେକୃଷ୍ଣ, ଭରତ, ଭଗବାନ ବଗର୍ତି ଉପସ୍ଥିତ ଥିଲେ । ପୂର୍ବତନ ସୈନିକ ସଂଘର ସଂପାଦକ ସ୍ୱର୍ଗତ ବଗର୍ତିଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଦେବା ସଂଗେ ସଂଗେ ବରିଷ୍ଠ ସମାଜସେବୀ ବକ୍ରମାନନ୍ଦ ବହିଦାର, ଭଗବାନ ବଗର୍ତି, ବୀରେନ୍ଦ୍ର ବନ୍ଛୋର ସ୍ମୃତି ଚାରଣ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଭାରତ ମାତା କି ଜୟ । ରାଧେଶ୍ୟାମ ବଗର୍ତି ଅମର ରହେ, ଜୟ ଜବାନ ଜୟ କିଷାନ ନାରା ଦେଇ ପୂର୍ବତନ ସୈନିକ ମାନେ ସ୍ୱର୍ଗତ ବଗର୍ତିଙ୍କୁ ଶେଷ ବିଦାୟ ଦେଇଥିଲେ । ବଲାଙ୍ଗିରର ଗଣ୍ୟମାନ୍ୟ ବ୍ୟକ୍ତି ମାନେ ମଧ୍ୟ ଯୋଗଦେଇ ଶେଷ ଦର୍ଶନ କରିଥିଲେ । ଶବାଧାରରେ ପୂର୍ବତନ ସୈନିକ ସର୍ବେରାମ ପଟେଲ, ପ୍ରଦୀପ ସାହୁ, ସନ୍ତକ ବହିଦାର, ହରେନ୍ଦ୍ର ପଟ୍ଟନାୟକ, ମହେଶ ନିଆଲ, ରାଜେଶ ଅଗ୍ରୱାଲ, ବିପିନ ପିତ୍ରୋଡା, ପ୍ରିୟରଞ୍ଜନ ପାଣ୍ଡିଆ, ମଙ୍ଗତୁ ଗୁପ୍ତା, ଜୟ ନାରାୟଣ ଗୁପ୍ତା, ବିଶ୍ୱଜିତ ସାହୁ, ଡାକ୍ତର ଆଶିଷ ଦାନୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୮ ଗୋରୁ ବୋଝେଇ କଂଟେନର ଜବତ, ୫୦୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର

ବାଲେଶ୍ୱର, (ପି.ଏନ):ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ଲକ୍ଷ୍ମଣନାଥ ଟୋଲଗେଟ୍ ନିକଟରେ ୮ଟି ଗୋରୁ ବୋଝେଇ କଂଟେନରକୁ ଜବତ କରିବା ସହ ସେଥିରୁ ୫୦୦ରୁ ଅଧିକ ଗୋରୁଙ୍କୁ ଉଦ୍ଧାର କରିଛି ଜଳେଶ୍ୱର ପୋଲିସ । ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଗୋରୁ ଚୋରା ଚାଲାଣ ହେଉଥିବା ବେଳେ ପୋଲିସ ହାତରେ ଧରାପଡିଛି । ପଶ୍ଚିମବଙ୍ଗକୁ ଲକ୍ଷ୍ମଣନାଥ ଟୋଲଗେଟ୍ ଦେଇ ଗୋରୁ ଚାଲାଣ ହେଉଥିବା ଜଳେଶ୍ୱର ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା । ଗତକାଲି ବିଳମ୍ବିତ ରାତିରେ ପୁଲିସ ସେଠାରେ ଛକି ରହିଥିଲା । ଗୋରୁ ବୋଝେଇ କଂଟେନର ଗୁଡ଼ିକ ଲକ୍ଷ୍ମଣନାଥ ଟୋଲଗେଟ୍ ଦେଇ ଯିବାବେଳେ ପୁଲିସ ସେଗୁଡିକ ଅଟକାଇଥିଲା । ପୁଲିସ ୫ଟି କଂଟେନରକୁ ଜବତ କରିଥିଲା । ପୁଲିସକୁ ଚକମା ଦେଇ ଆଉ ୩ଟି ଗୋରୁ ବୋଝେଇ କଂଟେନର ଖସି ପଳାଇବାକୁ ଉଦ୍ୟମ କରିଥିଲେ । ପୋଲିସ ତାହାର ପିଛା କରି ଡେଲି ଗୋପୀନାଥ ଗାଁ ନିକଟରୁ ଏହି ୩ଟି କଂଟେନରକୁ ଜବତ କରିଥିଲା ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷ୍ରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି । ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ । ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି । ଏହାର ସମାଧାନ ଆମ ନିଜ ପାଖରେ ଅଛି । ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

## ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Tuesday November 08, 2022 ଭୁବନେଶ୍ୱର ମଙ୍ଗଳବାର, ନଭେମ୍ବର ୦୮,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


# କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉଦଘାଟିତ



ପାରାଦୀପ,(ପି.ଏନ): ପାରାଦୀପର ସାଗର ବେଳାଭୂମି ବିଜୁ ମଇଦାନ ଠାରେ ଚଳିତ ବର୍ଷର କଳିଙ୍ଗ ବାଲିଯାତ୍ରା ମହୋତ୍ସବ ସୋମବାର ସଂଧ୍ୟାରେ ଉଦଘାଟିତ ହୋଇଯାଇଛି । କଳିଙ୍ଗ ବାଲିଯାତ୍ରା ମହୋତ୍ସବ କମିଟିର ଅଧକ୍ଷ ତଥା ଜିଲ୍ଲାପାଳ ପାରୁଲ ପଟଓାରୀ ଉଦଘାଟନୀ ସମାରୋହରେ ଅଧକ୍ଷତା କରିଥିଲେ । ଉଦଘାଟକ ଭାବେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚଳନା ବିଭାଗର ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗ ଦେଇଥିଲେ । ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି,ରାଜ୍ୟ ମନ୍ତ୍ରୀ ପରିଷଦର ସଦସ୍ୟ ସମୀର ରଂଜନ ଦାସ,ଜଗତସିଂହପୁର ସାଂସଦ ଡା.ରାଜଶ୍ରୀ ମଲ୍ଲିକ,ବିଧାୟକ ସଂବିତ ରାଉତରାୟ,ଜିଲ୍ଲା ପରିଷଦ ଅଧକ୍ଷ ମନୋଜ ଭୋଇ, ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ପୌରପାଳ ବସନ୍ତ ବିଶ୍ୱାଳଙ୍କ ସମେତ ଏବଂ ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲ ଯୋଗ ଦେଇଥିଲେ । ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ କମିଟିର ଉପାଧକ୍ଷ ତଥା ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଡ. କାହ୍ନୁ ଚରଣ ଧିର । ଆଠ ଦିନ ଧରି ହେବାକୁ ଥିବା ମହୋତ୍ସବରେ ବିଭିନ୍ନ ଶିକ୍ଷ ସଂସ୍ଥାର ଷ୍ଟଲ,ଓରମାସ, ଏମ୍.ଏସ୍.ଏମ୍.ଇ.ଷ୍ଟଲ ସମେତ ରାମ ଦୋଳି ଆଦିର ବ୍ୟବସ୍ଥା କରାଯାଇଛି । ପ୍ରତିଦିନ ସଂଧ୍ୟାରେ ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବହୁ ସୁନାମଧନ୍ୟ କଳାକାରମାନେ ଏହି ଯୋଗ ଦେଇ ଦର୍ଶକମାନଙ୍କର ମନୋରଂଜନ କରିବେ ।

## ତୁଳସୀକ୍ଷେତ୍ରରେ ହବିଷ୍ୟାଳୀଙ୍କ କାର୍ତ୍ତିକବ୍ରତ ପାଳନରେ ଆଧାତ୍ମିକ ପ୍ରବଚନ

କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଶ୍ରୀବଳଦେବଜୀୟୁଙ୍କ ପୀଠରେ ହବିଷ୍ୟାଳୀଙ୍କ କାର୍ତ୍ତିକବ୍ରତ ଗରାପୁର ଶିବାନନ୍ଦ ଆଶ୍ରମ ଆନୁକୂଲ୍ୟରେ ଗତ ୩ତାରିଖ ଠାରୁ ଆରମ୍ଭ ହୋଇଛି । ପ୍ରତ୍ୟେକ ସନ୍ଧ୍ୟାରେ ହବିଷ୍ୟାଳୀମାନଙ୍କ ପାଇଁ ଶ୍ରୀବଳଦେବଜୀୟୁଙ୍କ ଝୁଲଣ ମଣ୍ଡପ ପରିସରରେ ଶିବାନନ୍ଦ ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ପ୍ରବଚକ ଭାବେ ଯୋଗଦେଇ ଆଧାତ୍ମିକ ପ୍ରବଚନ ଓ ଅର୍ଶ୍ରିବଚନ ପ୍ରଦାନ ସହ ଭଜନ କୀର୍ତ୍ତନ କରାଯାଉଛି । ଏଥିସହିତ ବିଭିନ୍ନ ସାଧୁସନ୍ଥମାନଙ୍କ ଦ୍ୱାରା ଆଧାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ନାମ ସଂକୀର୍ତ୍ତନ ମଧ୍ୟ କରାଯାଉଛି ।

# ପାରାଦୀପ ବନ୍ଦର ପାଇକାରୀ ସମବାୟ ଭଣ୍ଡାରର ସଭାପତି ହେଲେ ରଘୁନାଥ ସାହୁ



ପାରାଦୀପ,(ପି.ଏନ): ପାରାଦୀପ ପାଇକାରୀ ସମବାୟ ଭଣ୍ଡାର ଲିମିଟେଡର ସଭାପତି ଭାବେ ରଘୁନାଥ ସାହୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ସୋମବାର ଦିନ ପାରାଦୀପସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ନିର୍ବାଚନରେ ପାରାଦୀପ,କୁଜଙ୍ଗ,ଏରସମା ଓ ତିର୍ତୋଲର ବିଭିନ୍ନ ଜୋନ୍‌ରୁ ନିର୍ବାଚିତ ପନ୍ଦର ଜଣ ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟମାନଙ୍କ ଉପସ୍ଥିତିରେ ରଘୁନାଥ ଏକମାତ୍ର ପ୍ରାର୍ଥୀ ଭାବେ ମନୋନୟନ ପତ୍ର ଦାଖଲ କରିଥିଲେ । ଧାର୍ଯ୍ୟ ସମୟ ମଧ୍ୟରେ ଆଉ କେହି ମନୋନୟନ ପତ୍ର ଦାଖଲ ନକରିବାକରୁ ଶ୍ରୀ ସାହୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର. ଓ ନିର୍ବାଚନ ଅଧିକାରୀ ରାଖାଲ ଚନ୍ଦ୍ର ଦାସ ଓ ପାଇକାରୀ ଭଣ୍ଡାରର ସମ୍ପାଦକ ରଂଜିତ ସାହୁ ସଭାପତି ଭାବେ ଘୋଷଣା କରିଥିଲେ । ବିଜୟୀ ହେବା ପରେ ଶ୍ରୀ ସାହୁ ସ୍ଥାନୀୟ ବିଧାୟକ,ସାଂସଦ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପାରାଦୀପର ଏହି ପୁରାତନ ସମବାୟ ଭଣ୍ଡାରକୁ ବିକାଶ ପଥରେ ଆଗେଇ ନେବାକୁ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

# ସରକାରୀ ବଡ଼ବାବୁଙ୍କ ବିଳାସବ୍ୟସନ ଜୀବନଶୈଳୀ ଉପରେ ତଦନ୍ତ ହେଉ : ଛାତ୍ର କଂଗ୍ରେସ




ଭୁବନେଶ୍ୱର, (ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ ଅଖିଳେଷ ଯାଦବ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀବନ ପଟ୍ଟନାୟକଙ୍କର ସ୍ୱଚ୍ଛତା ଓ ସାଧୁତାର ଆହ୍ୱାନକୁ ଗୃହ ବିଭାଗର ଉଚ୍ଚପଦସ୍ଥ ଅଫିସର ବେଖାତିର କରୁଛନ୍ତି । ଏ ବାବଦରେ ସରକାରଙ୍କ ପାଖରେ ତଥ୍ୟ ରହିଛି ନା ଜାଣିସୁଣି ସରକାର ଏହାକୁ ଏଡ଼େଇ ଯାଉଛନ୍ତି ଏହା ଶ୍ରୀ ଯାଦବ ପ୍ରଶ୍ନ କରିଛନ୍ତି । ଶ୍ରୀ ଦିପ୍ତେଷ ପଟ୍ଟନାୟକ ଯିଏକି ଜଣେ ଆଇପିଏସ ଅଫିସର ତାଙ୍କର ଅନୈତିକ କାର୍ଯ୍ୟ ଉପରେ ଅଭିଯୋଗ ଆସିଛି । ସେ ସାଧାରଣ ଜନତାଙ୍କର ସେବକ । ଆମ ଟିକସ ପଇସାରେ ଦରମାପ୍ରାପ୍ତ ହୁଅନ୍ତି । ମାତ୍ର ତାଙ୍କର କାର୍ଯ୍ୟକ୍ରମକୁ ଯଦି ଅନୁଧ୍ୟାନ କରାଯାଏ ତେବେ ଓଡ଼ିଶାର ସାଧାରଣ ଜନତା ଏଥିରେ ଆଶ୍ଚର୍ଯ୍ୟାନ୍ୱିତ ହେବେ । ସେ ରାଉରକେଲାରେ ଏସ୍‌ପି ଭାବରେ କାର୍ଯ୍ୟରତ ଥିବା ବେଳେ ତାଙ୍କ ବିରୋଧରେ ତଦନ୍ତ କମିଶନ ବିସିଥିବା ସତ୍ତ୍ୱେ, ତାଙ୍କୁ ପଦୋନ୍ନତି ଦିଆଗଲା କିପରି ? ତାଙ୍କ ପଦୋନ୍ନତିକୁ ଆମ୍ଭେମାନେହେଁ ରାଜ୍ୟ ଓକିଲ ସଂଘ ମଧ୍ୟ ନିନ୍ଦା ଓ ପ୍ରତିବାଦ କରିଛି । ସେ ଜଣେ ବିଶୃଙ୍ଖଳିତ ଅଫିସର ବୋଲି ପ୍ରମାଣିତ । ତାଙ୍କ ବିରୋଧରେ ନାୟୁଡୁ କମିଶନ ତଦନ୍ତ କରୁଥିଲେ । ଏହା ସତ୍ତ୍ୱେ ତାଙ୍କର ପଦୋନ୍ନତି ହେବା ଆଶ୍ଚର୍ଯ୍ୟଜନକ । ତାଙ୍କର ସରକାରୀ ବାସଭବନକୁ କୋଟି କୋଟି ଟଙ୍କା ବ୍ୟୟ କରି ରାଜଉଆସ ଭାବେ ସଜେଇ ଦିଆଯାଇଛି । ଅଭିଯୋଗ ଆସିଛି ସେ ସରକାରୀ ନିୟମର ଉଲଂଘନ କରି ବାରମ୍ବାର ବିଦେଶ କରି ବିଦେଶରେ ଅୟେସ କରୁଛନ୍ତି । ଏହାର ତଦନ୍ତ ଜରୁରୀ । ଜଣେ ଦାୟୀତ୍ୱପୂର୍ଣ୍ଣ ଏବଂ ସମାଜ ସୁରକ୍ଷା ବା ଶୃଙ୍ଖଳା ଦାୟୀତ୍ୱ ନେଇଥିବା ଅଫିସରଙ୍କୁ ବିଭିନ୍ନ ଡ୍ୟାନ୍ସବାରରେ ନୃତ୍ୟରତ ଅବସ୍ଥାରେ ଦେଖିବାକୁ ମିଳୁଛି ।

# ସମାଜସେବୀ ଗୋଲେଖଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡ଼ା,(ପି.ଏନ): ସମାଜସେବୀ ଗୋଲେଖ ବିହାରୀ ମହାପାତ୍ରଙ୍କ ୭୫ବର୍ଷ ବୟସରେ ପରଲୋକ ହୋଇଯାଇଛି । ବ୍ରାହ୍ମଣମାନଙ୍କ ପାଇଁ ସେ ଉଦାହରଣ ଥିଲେ । ନିଜର ସଚ୍ଚୋଟ ବ୍ୟକ୍ତିତ୍ୱ ଓ କାର୍ଯ୍ୟଧାରା ପାଇଁ ସେ ଅଞ୍ଚଳରେ ବେଶ ପରିଚିତ ଥିଲେ । ସମାଜରେ ଧାର୍ମିକ ଭାବନା ସୃଷ୍ଟି କରିବା ଭଳି କାର୍ଯ୍ୟଦକ୍ଷତା ବଳରେ ସାଧାରଣ ଲୋକଙ୍କ ନିକଟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ତାଙ୍କର ବିୟୋଗ ଖବର ପ୍ରଚାରିତ ହେବା ପରେ ତାଙ୍କ ଜନ୍ମଭୂମି ଗରଦପୁର ବ୍ଲକ ଅଧିନ ଉଦାଳ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ଗତ ରବିବାର ସନ୍ଧ୍ୟାରେ ହଠାତ ତାଙ୍କ ଶରୀର ଅସୁସ୍ଥ ହୋଇପଡିଥିଲା । ତାଙ୍କ ସାନଭାଇ ଜାନକୀକାନ୍ତ ମହାପାତ୍ର ଓ ପୁତୁରା ଶୁଭେନ୍ଦୁ ମହାପାତ୍ର ନିକଟସ୍ଥ ପାଟକୁରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ତୁରନ୍ତ ନେଇଯାଇଥିଲେ । ସେଠାରେ କିଛି ସମୟ ଚିକିତ୍ସା ହେବା ପରେ ତାଙ୍କର ଦେହାନ୍ତ ହୋଇଯାଇଥିଲା । ସ୍ଥାନୀୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସାନଭାଇ ଜାନକୀ, ପୁତୁରା ଶୁଭେନ୍ଦୁ, ଜ୍ୱାଇଁ ଦଉହରି, ଝିଅ ନିହାରିକା ମହାପାତ୍ର, ପୁଅ ସଂଗ୍ରାମ ମହାପାତ୍ର, ଆଶୁତୋଷ ପତି, ମନୋରଞ୍ଜନ ଶତପଥୀ, ନାରଣ ଶତପଥୀ, ଅଧିକାରୀ ହୃଷିକେଶ ଦାଶଙ୍କ ସମେତ ବନ୍ଧୁବାନ୍ଧବ, ଜ୍ଞାତି କୁଟୁମ୍ବମାନେ ଉପସ୍ଥିତଥିଲେ । ଖବର ପାଇ ଗରଦପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ତଥା ସମାଜସେବୀ ରମାକାନ୍ତ ବେହେରା ସ୍ୱର୍ଗତ ମହାପାତ୍ରଙ୍କ ଭାସଭବନରେ ପହଞ୍ଚି ଶୋକବ୍ୟକ୍ତ କରିଥିଲେ ।

# ଆଜି କାର୍ତ୍ତିକ ପୁନେଇଁ

ଭୁବନେଶ୍ୱର, (ପି.ଏନ): ଆଜି କାର୍ତ୍ତିକ ପୁନେଇଁ । ଓଡ଼ିଶାର ଧାର୍ମିକ ପରମ୍ପରାରେ କାର୍ତ୍ତିକ ମାସର ବେଶ୍ ମହତ୍ତ୍ୱ ରହିଛି । ଓଡ଼ିଶା ପରମ୍ପରାରେ ଏହା ଡଙ୍ଗା ଭସାଇବା ଓ ବୋଇତ ବନ୍ଦାଣର ଦିନ । ଅତୀତର ସାଧବ ପୁଅର ବାଲି, ସୁମାତ୍ରା, ଜାଭା, ଶ୍ରୀଲଙ୍କା ଆଦି ଦେଶର ନୌବାଣିଜ୍ୟର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଭୁବନେଶ୍ୱର ଭୀମଟାଙ୍ଗିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତୃତୀୟ ଶ୍ରେଣୀର ଛାତ୍ର ତଥା କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ଉତ୍କଳୀୟ ନୌବାଣିଜ୍ୟର ସ୍ମୃତିକୁ ରଙ୍ଗ ଓ ତୂଳୀରେ ସାଉଁଟିବାକୁ ପ୍ରୟାସ କରିଛନ୍ତି ।

# ଓଡିଶା ସାହିତ୍ୟ ଏକାଡେମୀର ରାଜ୍ୟସ୍ତରୀୟ ଲେଖିକା ସମ୍ମିଳନୀ : ଝିଅଟିଏ ହସିଲେ ଗପ ତ କାନ୍ଦିଲେ କବିତା




ଭଦ୍ରକ,(ପି.ଏନ): ଓଡିଶା ସାହିତ୍ୟ ଏକାଡେମି ତରଫରୁ ଭଦ୍ରକ ମହିଳା ମହାବିଦ୍ୟାଳୟ ଠାରେ ଏକଦିବସୀୟ ରାଜ୍ୟସ୍ତରୀୟ ଲେଖିକା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏକାଡେମିର ସଭାପତି ଡ. ହୃଷିକେଶ ମଲ୍ଲିକ ଉଦ୍ ?ଘାଟନୀ ସଭାର ପୌରୋହିତ୍ୟ କରି ଭଦ୍ରକ ଜିଲ୍ଲାର ସାରସ୍ୱତ ସାଧିକାଂକ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଗିରିବାଳା ମହାନ୍ତି ଓ ଓଡିଶା ସାହିତ୍ୟ ଏକାଡେମି ପୁରସ୍କାରପ୍ରାପ୍ତ ଲେଖିକା ସରୋଜିନୀ ସାହୁ ଯଥାକ୍ରମେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ରୂପେ ଯୋଗଦେଇ ଝିଅଟିଏ ହସିଲେ ଗପ ତ କାନ୍ଦିଲେ କବିତା, ଲେଖିକାଟିଏ ନାରୀବାଦୀ ନୁହେଁ ସର୍ବଦା ମାନବବାଦୀ, ସେ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ କଲମ ଧରିଥାଏ । ନାରୀ ସଶକ୍ତିକରଣ ସ୍ଲୋଗାନ୍ ?ର ପ୍ରାବଲ୍ୟ ସତ୍ତ୍ୱେ ଲେଖିକାଟିଏ କେବେବି ସ୍ୱାଧିନ ନୁହେଁ । ପୁରୁଷ ସହ ନାରୀର ସହଭାଗିତା ଚିର କାମ୍ୟ । ନାରୀ ପୁରୁଷର ଘନିଷ୍ଠ ବଂଧୁ ଓ ସହଯୋଗୀ । ଲେଖିକାଟିଏ ତା'ର ନିର୍ଭିକ ସ୍ୱରରେ ନିଦ୍ରିତ ଈଶ୍ୱରଙ୍କ ନିଦ ଭାଙ୍ଗି ସାମାଜିକ ପରିବର୍ତ୍ତନର ସ୍ୱର ଶୁଣାଇଥାଏ ବୋଲି ସେମାନେ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ସୁସାହିତ୍ୟିକା ଗୋଲାପ ମଞ୍ଜରୀ କର ଓ ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଚିତ୍ରା ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଓଡିଶା ସାହିତ୍ୟ ଏକାଡେମି ସଦସ୍ୟ ପବିତ୍ର ପାଣିଗ୍ରାହୀ ଅତିଥିଙ୍କ ପରିଚୟ ଓ ପୂର୍ଣ୍ଣଚନ୍ଦ୍ର ବହଳି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ପରେ ମହାବିଦ୍ୟାଳୟ ତରଫରୁ ଅତିଥିଙ୍କୁ ଅଂଗବସ୍ତ୍ର ପ୍ରଦାନ କରାଯାଇଥିଲା । ବିଜୟ ବହଳୀ ବେଦପାଠ କରିଥିଲେ । ଉଦ୍ ?ଘାଟନୀ ସଭାର ଶେଷସ୍ପର୍ଶ ଦେଇଥିଲେ ଡ. ଅଭୟ ଦାସ । ଦ୍ୱିତୀୟ ଅଧିବେଶନରେ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ 'ଲେଖିକାଙ୍କ ଲେଖନୀରେ ସାମାଜିକ ପରିବର୍ତ୍ତନର ସ୍ୱର' ଶୀର୍ଷକ ଆଲୋଚ୍ନା ଚ୍କ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଏକାଡେମିର କାର୍ଯ୍ୟକାରୀ କମିଟି ସଦସ୍ୟା ଡ. ଶୁଭଶ୍ରୀ ଲେଙ୍କା, ବିଦ୍ୟୁତ୍‌ଲତା ଦାସ, ଡ. ରାଧା ରାଣୀ ମହାପାତ୍ର, ଡ. ପ୍ରଭାତ ନଳିନୀ ମହାପାତ୍ର ସମ୍ମାନନୀୟ ଅତିଥି ଏବଂ ବୀଣାପାଣି ପଣ୍ଡା, ପ୍ରୀତିଲତା ପଣ୍ଡା, ଭାନୁମତୀ ମାଟିଆ ଓ ସାବିତ୍ରୀ କବି ସମ୍ମାନିତ ଆଲୋଚି୍କା ଭାବେ ଅଂଶଗ୍ରହଣ କରିଥିଲେ । ଅପରାହ୍ଣରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସଭାମୁଖ୍ୟ ଥିଲେ ଝରଣା ପଟ୍ଟନାୟକ ଏବଂ ବସନ୍ତ ମିଶ୍ର, ଗୀତାରାଣୀ ଆଇଚ୍, ସିନ୍ଧୁ ସେନ୍ ଓ ଶାନ୍ତିଲତା ନାଗ ସମ୍ମାନୀୟ ଅତିଥି ରୂପେ ମଂଚ୍ାସୀନ ଥିଲେ । ଡ. ମମତା ସାହୁ ଓ ସଂଯୁକ୍ତା ଭାରତୀ କବିତା ପାଠର ସଂଯୋଜନା କରିଥିଲେ । ଏକାଡେମୀର ସଚ୍ିବ ପ୍ରବୋଧ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧାପିକା ଅନିତା ଦଳାଇ, ଆଭାମୟୀ ମହାପାତ୍ର, ମନୋଜ ସାହୁ, ଭବେଶ ସ୍ୱାଇଁ, ରାଜେଶ ପାହାଡି, ଜ୍ୟୋସ୍ନାରାଣୀ ଲେଙ୍କା, ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମର ପରିଚ୍ାଳନାରେ ସହଯୋଗ କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray